

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୦ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 JANUARY 2021

Vol.No. 31 ■ No. 10 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...

ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେପିରେ ଯୋଗଦେଲେ ଯୁବନେତା ଲଲାଟେନ୍ଦୁ ମହାପାତ୍ର

ଭୁବନେଶ୍ୱର,୦୯।୦୧ (ନି.ପ୍ର): ଭୁବନେଶ୍ୱରର ଜଣାଶୁଣା ସମାଜସେବୀ ତଥା ଯୁବନେତା ଶ୍ରୀ ଲଲାଟେନ୍ଦୁ ମହାପାତ୍ର ଶୁକ୍ରବାର ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଆଜି ରାଜ୍ୟ କାର୍ଯ୍ୟାଳୟରେ ଶ୍ରୀ ମହାପାତ୍ରଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଶ୍ରୀ ମହାପାତ୍ରଙ୍କ ଯୋଗଦାନ କାରଣରୁ ଦଳୀୟ ସଂଗଠନ ଆହୁରି ମଜବୁତ୍ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ଜିଲ୍ଲାର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## କରୋନାରୁ ସୁସ୍ଥ ହେଲେ ଆଉ ୨୬୯

ଭୁବନେଶ୍ୱର,୦୯।୦୧ (ନି.ପ୍ର): ରାଜ୍ୟରୁ ଶନିବାର ଦିନ ଆଉ୨୬୯ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ନୂଆ ସୁସ୍ଥଙ୍କୁ ମିଶାଇଲେ ରାଜ୍ୟରୁ ଏଯାବତ୍ ୩୨୭୮୦୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି । କଟକରୁ ସର୍ବାଧିକ ୪୧ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଅନୁଗୁଳରୁ ୩୧ଜଣ, ସମ୍ବଲପୁରରୁ ୨୬ଜଣ, ନୂଆପଡ଼ାରୁ ୨୧ଜଣ, ସୁନ୍ଦରଗଡ଼ରୁ ୧୯ଜଣ, ବାଲେଶ୍ୱରରୁ ୧୫ଜଣ, ଯାଜପୁରରୁ ୧୫ଜଣ,

▶▶ପୃଷ୍ଠା ୭

# ବିନ୍ଦୁସାଗରର ପ୍ରତିଟି ଜଳବିନ୍ଦୁ ପବିତ୍ର : ନବୀନ

## ଜାତୀୟ ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ ପାଇଁ ବଦ୍ଧପରିକର ପ୍ରଧାନମନ୍ତ୍ରୀ : ଧର୍ମେନ୍ଦ୍ର

ଭୁବନେଶ୍ୱର,୦୯।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦିନ ଏକାମ୍ର କ୍ଷେତ୍ରର ଐତିହ୍ୟ ସମ୍ପନ୍ନ ପୁଷ୍କରିଣୀ ବିନ୍ଦୁସାଗରର ସଫେଇ ପାଇଁ ସ୍ୱଚ୍ଛ ବିନ୍ଦୁସାଗର ପ୍ରକଳ୍ପର ଶୁଭ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଭିଡିଓ କନ୍ଫରେନ୍ସିଂ ଜରିଆରେ ଏହାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ବିନ୍ଦୁସାଗର କୂଳରେ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିନ୍ଦୁସାଗର ମୋପାଇଁ ସବୁବେଳେ ଏକ ବଡ ଆକର୍ଷଣ ହୋଇ ରହିଛି । ଦେଶର ସବୁତୀର୍ଥ ଜଳ ବିନ୍ଦୁ ସାଗରରେ ଏକାଠି ହୋଇଛି । ବିନ୍ଦୁସାଗରର ପ୍ରତିଟି ଜଳବିନ୍ଦୁ ପବିତ୍ର । ବିନ୍ଦୁସାଗର




ଜାତୀୟ ସଂହତି ଓ ଏକତାର ପ୍ରତୀକ । ବିନ୍ଦୁସାଗରଏକ ତୀର୍ଥ ପୋଖରୀ ନୁହେଁ,ପୁରୁଣା ଭୁବନେଶ୍ୱରର ଲୋକମାନଙ୍କ ସାମାଜିକ ଏବଂସାଂସ୍କୃତିକ ଜୀବନ ସହ ଏହାର ନିବିଡ ସମ୍ପର୍କ ରହିଛି ବୋଲି ସେକହିଥିଲେ । ତେଣୁ ଏହାକୁ ସ୍ୱଚ୍ଛ ରହିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ସେ ମତ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲିଙ୍ଗରାଜ ମହାପ୍ରଭୁଙ୍କ ପବିତ୍ର ଧାମ ଭୁବନେଶ୍ୱର କେବଳ ଏକ ମନ୍ଦିରମାଳିନୀ ନଗରୀ ନୁହେଁ ଏଠାରେ ଅନେକ ତୀର୍ଥ ପୋଖରୀ ମଧ୍ୟ ରହିଛି । ସେଗୁଡିକର ପରିବେଶକୁ ସ୍ୱଚ୍ଛ ରଖିବା ସମସ୍ତଙ୍କରଦାୟିତ୍ୱ ।

▶▶ପୃଷ୍ଠା ୭

# ୧୬ରୁ ସାରା ଦେଶରେ ଆରମ୍ଭ ହେବ ଟିକାକରଣ

- ପ୍ରଥମ ପର୍ଯ୍ୟାୟରେ ୩କୋଟି ସମ୍ମୁଖ ଯୋଦ୍ଧାଙ୍କୁ ଦିଆଯିବ ଟିକା
- ସୁରକ୍ଷା ବଳୟରେ ରହିବ କୋଭିଡ ଟିକା
- ଜିଲ୍ଲାପାଳ ଓ ଏସପିଙ୍କୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୦୯।୦୧ (ନି.ପ୍ର): କରୋନା ଟିକାକରଣକୁ ନେଇ କେନ୍ଦ୍ର ସରକାର ଆଜି ବଡ ଘୋଷଣା କରିଛନ୍ତି । ଜାନୁୟାରୀ ୧୬ ତାରିଖରୁ ସାରା ଦେଶରେ ଆରମ୍ଭ ହେବାକୁ ଯାଉଛି କୋଭିଡ ଟିକାକରଣ । ପ୍ରଥମ ଦଫାରେ ଟିକା ପାଇବେ ୩ କୋଟି ସ୍ୱାସ୍ଥ୍ୟ କର୍ମୀ ଓ ଆଗଧାଡିର କୋଭିଡ ଯୋଦ୍ଧା । ଏପଟେ କଂପାନୀଠାରୁ ସିଧା ସଳଖ ଟିକା ଆସି ପହଂଚିବ ବିଭିନ୍ନ ରାଜ୍ୟରେ । ବ୍ୟାଙ୍କ ଗୁଡିକ ଯେଉଁ ସୁରକ୍ଷା ବ୍ୟବସ୍ଥା ଭିତରେ ଟଙ୍କା ପରିବହନ କରିଥାନ୍ତି, ଠିକ ସେମିତି କଡା



ସୁରକ୍ଷା ବଳୟ ଭିତରେ ଟିକା ପହଂଚାଯିବା ପାଇଁ ବ୍ୟବସ୍ଥା ହୋଇଛି । କରୋନା ଟିକାକରଣକୁ ନେଇ ମୋଦି ସରକାରଙ୍କ ବଡ ଘୋଷଣା । ଜାନୁୟାରୀ ୧୬ ତାରିଖରୁ ସାରା ଦେଶରେ ଆରମ୍ଭ ହେବ କୋଭିଡ ଟିକାକରଣ । କରୋନା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀଙ୍କ

▶▶ପୃଷ୍ଠା ୭

# ମଝି ଆକାଶରୁ ହଜିଗଲା ଇଣ୍ଡୋନେସିଆ ବିମାନ

ଭୁବନେଶ୍ୱର,୦୯।୦୧ (ନି.ପ୍ର): ମଝି ଆକାଶରୁ ହଜିଲା ବିମାନ । ଉଡ଼ାଣ କରିବାର ୪ମିନିଟ ପରେ ଇଣ୍ଡୋନେସିଆର ଶ୍ରୀଓ୍ୱିଜୟ ବିମାନ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି । ୪ମିନିଟ ପରେ ପାଇଲଟଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଏବେ ବିମାନକୁ ଖୋଜିବା ଆରମ୍ଭ କରାଯାଇଛି । ଜାତୀୟ ଗଣମାଧମରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ବିମାନରେ ୧୩୦ଜଣ ବସିବା ଭଳି ସିଟ ରହିଥିବା ବେଳେ ଉଡ଼ାଣ ସମୟରେ ସେଥିରେ ୫୯ଜଣ ଯାତ୍ରୀ ଥିଲେ । ତେବେ ଏପର୍ଯ୍ୟନ୍ତ ନିଖୋଜ ହେବାର କାରଣ ଜଣାପଡ଼ିନାହିଁ । ସୂଚନା ମୁତାବକ, ଉଡ଼ାଣର ୪ମିନିଟ ପରେ




ଇଣ୍ଡୋନେସିଆର ଶ୍ରୀଓ୍ୱିଜୟ ବିମାନ ଏହାର ଏକ ବୋଇଙ୍ଗ ୭୩୭-୫୨୪ଯାତ୍ରୀବାହୀ ବିମାନ ସହିତ ଯୋଗାଯୋଗ ହରାଇଥିଲା । ବିମାନଟି ଜାକର୍ତ୍ତାରୁ ପଣ୍ଟିଆନାକ୍ କୁ ଯାଉଥିଲା ବୋଲି ଜଣାପଡ଼ିଛି । ଶେଷ ଥର ପାଇଁ ୨ଟା ୪୦ରେ ବିମାନ ସହ ଯୋଗଯୋଗ ହୋଇଥିଲା । ଏହା ପରଠାରୁ ବିମାନ ସହ ଯୋଗାଯୋଗ କରିପାରିନଥିଲା କଣ୍ଟ୍ରୋଲ ରୁମ । ଇଣ୍ଡୋନେସିଆର ସର୍ଚ୍ଚ ଏବଂ ଉଦ୍ଧାରକାରୀ ସଂସ୍ଥା ଏବଂ ଜାତୀୟ ପରିବହନ ସୁରକ୍ଷା ଆୟୋଗ ମଧ ତଦନ୍ତ କରୁଛନ୍ତି ବୋଲି ଶ୍ରୀଓ୍ୱିଜୟ ପକ୍ଷରୁ କୁହାଯାଇଛି । ତେବେ ଏହା ପ୍ରଥମ ନୁହେଁ ଏହା ପୂର୍ବରୁ ଅକ୍ଟୋବର ୨୦୧୮ରେ, ଏକ ଲାୟନ ଏୟାର ବୋଇଙ୍ଗ ୭୩୭ ମାକ୍ସ ଜେଟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନଟି ଉଡ଼ାଣର ୧୨ମିନିଟ ପରେ ଜାଭା ସାଗରରେ ଖସିପଡ଼ିବାରୁ ୧୮୯ଜଣଙ୍କର ମୃତ୍ୟୁ ଘଟିଥିଲା ।

## ଘନ କୁହୁଡି ପାଇଁ ୫ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣି

ଭୁବନେଶ୍ୱର,୦୯।୦୧ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନ କୁହୁଡି ଦେଖାଦେବା ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଆସନ୍ତାକାଲି (ରବିବାର) ଦିନ ଜଗତସିଂହପୁର, କଟକ, କେନ୍ଦ୍ରାପଡା,ଭଦ୍ରକ ଓ ମୟୁରଭଂଜ ଜିଲ୍ଲାରେ ଘନ କୁହୁଡି ଦେଖାଦେବ । ଏହି ସବୁ ଜିଲ୍ଲାଗୁଡିକ ପାଇଁ ପାଣିପାଗ ବିଭାଗ ୟେଲୋ ଓ୍ୱାର୍ଣ୍ଣି ଜାରି କରିଛି । ସେହିପରି ସୋମବାର ଦିନ ଜଗତସିଂହପୁର, ନୟାଗଡ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ଓ୍ୱାର୍ଣ୍ଣି ଜାରି କରାଯାଇଛି ।

# ସ୍କୁଲ ଖୋଲୁ ଖୋଲୁ ୨୬ ଶିକ୍ଷକ କରୋନାରେ ଆକ୍ରାନ୍ତ

ପାରଳାଖେମୁଣ୍ଡି,୦୯।୦୧ (ନି.ପ୍ର): ସ୍କୁଲ ପିଲାଙ୍କ ଖୁସିକୁ ଫିକା କରିଦେଲା କରୋନା । ବିଦ୍ୟାଳୟ ଖୋଲିବାର ଗୋଟିଏ ଦିନ ପରେ ଆସିଛି ଅଭାବନୀୟ ଖବର । ବିଦ୍ୟାଳୟ ଖୋଲିବାର ଦୁଇ ଦିନରେ ଦୁଇ ଜଣ ଛାତ୍ର ସହ ୨୬ ଜଣ ଶିକ୍ଷକ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ତେବେ ସର୍ବାଧିକ ମୋହନା ବ୍ଲକରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କୋଭିଡ୍ ପରୀକ୍ଷା କେନ୍ଦ୍ରରୁ ୧୦ଜଣ ଚିହ୍ନଟ କରାଯାଇଛି । ଏନେଇ ସୂଚନା ଦେଇଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ ପାତ୍ର । ସେ କହିଛନ୍ତି-"କରୋନାରେ ଆକ୍ରାନ୍ତ ହୋଇଥିବା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କଠାରେ କୌଣସି ଲକ୍ଷଣ ନାହିଁ । ତେବେ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁସାରେ



ସେମାନେ ସ୍କୁଲ ଆସିବେ ନାହିଁ । କ୍ୱାରେଣ୍ଟାଇନ୍‌ରେ ରହିବେ । ଆରୋଗ୍ୟ ହେଲା ପରେ ସ୍କୁଲ ଆସିବେ ।" ଶିକ୍ଷାନୁଷ୍ଠାନ ଖୋଲିବା ପୂର୍ବରୁ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କ ନମୁନା ପରୀକ୍ଷା କରାଯାଇ ଥିଲା । ମୋଟ୍ ୩୧ କରୋନା ଆକ୍ରାନ୍ତଙ୍କ ଭିତରେ ଗତକାଲି ୧୭ ଓ ଆଜି ୧୪ ଜଣ ଅଛନ୍ତି । ଯାହା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି । ସୂଚନା ଅନୁସାରେ କରୋନା ଭୟରେ ଦୀର୍ଘ ୯ ମାସ ଧରି ବନ୍ଦ ରହିଲା ଶିକ୍ଷାନୁଷ୍ଠାନ । କରୋନାର କୋପ କମିବା ପରେ ଗତକାଲି ସ୍କୁଲ ଖୋଲିଥିଲା । କୋଭିଡ୍ ଗାଇଡ୍ ଲାଇନ୍ ଭିତରେ ସ୍କୁଲ ଖୋଲିଥିଲା । ଏହା ସତ୍ତ୍ୱେ ଗଜପତି ଜିଲ୍ଲାରେ ୨୬ ଶିକ୍ଷକ କରୋନାରେ ଆକ୍ରାନ୍ତ ହେବା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି ।

# କେନାଲ ବନ୍ଧ ଭାଙ୍ଗିବା ପଛରେ ଯନ୍ତ୍ରୀଙ୍କ ଇସାରା, ମୂଷା ମୁଖ୍ୟ ଅଭିଯୁକ୍ତ !

ଜୟପୁର,୦୯।୦୧ (ନି.ପ୍ର): ଜୟପୁର ଏକତାଗୁଡ଼ାରେ କୋଲାବ କେନାଲର ବନ୍ଧ ଭାଙ୍ଗିଛି । ଏଥିପାଇଁ ମୂଷାଙ୍କୁ ଦାୟୀ କରିଛନ୍ତି ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ । ସେ କହିଛନ୍ତି, ମୂଷା ଗାତ କରିବାଦେବାରୁ ବନ୍ଧରେ ଘାଇ ହୋଇଛି । ସେଥିପାଇଁ ପାଣି ବନ୍ଦ କରାଯାଇଛି । ମରାମତି ଚାଲିଛି, ସନ୍ଧ୍ୟା ସୁଦ୍ଧା ସରିବ । ରବିବାର ସକାଳ ସୁଦ୍ଧା ପାଣି ଛଡ଼ାଯିବ । ଏହା ସହିତ ତଦନ୍ତ କରି ସବିଶେଷ ତଥ୍ୟ ଦେବାକୁ କୋଲାବ ମୁଖ୍ୟ ଯନ୍ତ୍ରୀଙ୍କୁ କୁହାଯାଇଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ



ଜ୍ୟୋତିର୍ମୟ ରଥ କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି, ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀ ଓ କେନାଲ ବନ୍ଧ ମରାମତି କରାଯାଉଛି । ଯଦି ବନ୍ଧ ମରାମତି କରାଇଥିଲା, ତାହାହେଲେ ମୂଷା କରିଥିବା ଗାତ ସମ୍ପର୍କରେ ଜଳସମ୍ପଦ ବିଭାଗ କେମିତି ଜାଣିପାରିଲେ ନାହିଁ ଗତ ରାତିରେ ଏକତାଗୁଡ଼ାରେ କେନାଲ ବନ୍ଧ ଭାଙ୍ଗି ଯାଇଥିଲା । ଫଳରେ ଆଖପାଖ ଗାଁରେ ପାଣି ପଶି ଯାଇଥିଲା । ଏକର ଏକର ଚାଷ ଜମି ଜଳମଗ୍ନ ହୋଇଥିଲା । ଜୟପୁର ବିଧାୟକ ତାରାପ୍ରଦାଦ ବାହିନୀପତି ରାତିରେ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ । ହେଲେ କେହି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି । ପ୍ରାୟ ୩ରୁ ୪ ଘଣ୍ଟା ପାଣି ମାଡ଼ିବା ପରେ କେନାଲକୁ ବନ୍ଦ କରି ଦିଆଯାଇଥିଲା ।

## ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପୁରୀ,୦୯।୦୧ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ପୁରୀ ଗସ୍ତରେ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ କହିଛନ୍ତି ଯେ ଦୀର୍ଘ ଦିନ ପରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ କରି ନିଜକୁ କୃତାର୍ଥ ମନେ କଲି । ମହାପ୍ରଭୁଙ୍କ ପାଖରେ ସମସ୍ତଙ୍କ ମଙ୍ଗଳ କାମନା କରୁଛି ।

# ଘରେ ପଶିଗଲା ସ୍କର୍ପିଓ : ସ୍ତ୍ରୀ ମୃତ, ସ୍ୱାମୀ ଓ ପୁଅ ଗୁରୁତର

ନୂଆପଡ଼ା,୦୯।୦୧ (ନି.ପ୍ର): ରାସ୍ତାରେ ଯାଉଥିବା ଏକ ସ୍କର୍ପିଓ ଭାରସାମ୍ୟ ହରାଇ ଘରେ ପଶି ଯିବା ଫଳରେ ସ୍ତ୍ରୀର ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଓ ପୁଅ ଗୁରୁତର ଭାବେ ଆହତ ହୋଇଛନ୍ତି । ଗୁରୁତର ମାନଙ୍କୁ ଚିକିତ୍ସା ନିମନ୍ତେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆଜି ଅପରାହ୍ନ ପ୍ରାୟେ ସାଢ଼େ ୪ଟା ସମୟରେ ଘଟିଥିଲା ଏହି ଦୁର୍ଘଟଣା । ରାସ୍ତାରେ ଯାଉଥିବା ଏହି ସ୍କର୍ପିଓଟି ହଠାତ୍ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଗଡ଼ରାମୁଣ୍ଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଘର ମଧ୍ୟକୁ ପଶି ଯାଇଥିଲା । ଫଳରେ ଏହି ଘରେ ରହୁଥିବା



ମହିଳା ନମିତା ହଂସ (୩୬)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ନରେଶ ହଂସ (୪୦)ଓ ପୁଅ ଦୈତାରୀ ହଂସ (୮) ଗୁରୁତର ଭାବେ ଆହତ ହୋଇଛନ୍ତି । ଘଟଣାରେ ଉତ୍ତ୍ୟେକ୍ତ ସ୍ଥାନୀୟ ଲୋକେ ଗାଡି ଚାଳକଙ୍କୁ ମାଡ ମାରିବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି । ଏହାର ପ୍ରତିବାଦରରେ ଖଡ଼ିଆଳ-ବୋଡ଼େନ ରାସ୍ତା ଅବରୋଧ କରିଛନ୍ତି ଲୋକେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଉତ୍ତ୍ୟେକ୍ତ ଲୋକଙ୍କ କବଳରୁ ଗାଡି ଚାଳକଙ୍କୁ ଉଦ୍ଧାର କରିଛି । ଗୁରୁତରଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତି କରିଛି ଏବଂ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରୀ ରଖିଛି ।

# ଗୋଟିଏ ଦିନରେ ୨୦୬ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୧୬୦୨

ଭୁବନେଶ୍ୱର,୦୯।୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୦୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୧୬୦୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୭୫୩୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୧୨୪ ରହିଛି । ଆଜି ଚିହ୍ନଟ ହୋଇଥିବା ୨୦୬ ଜଣଙ୍କ ମଧ୍ୟରୁ ୧୧୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ସବୁଠାରୁ ଅଧିକ ୨୭ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୨୭ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୨ ଜଣ, ବରଗଡ଼ରୁ ୧୬ ଜଣ, ଭଦ୍ରକରୁ ୨, ବଲାଙ୍ଗୀରରୁ ୨୬ ଜଣ ରହିଛନ୍ତି । ସେହିପରି ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରୁ ୫ ଜଣ ଓ

▶▶ପୃଷ୍ଠା ୭

## ମାରିଆନା, ଆଜ୍‌ମିନା ଓ ଜୀବନ କିଶୋରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୯।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଚିଲିଠାରେ ୬ ମ୍ୟାଚବିଶିଷ୍ଟ ଟୁର ପାଇଁ ଭାରତୀୟ କନିଷ୍ଠ ମହିଳା ହକି ଦଳରେ ଓଡ଼ିଶାର ମାରିଆନା କୁଜୁର, ଆଜ୍‌ମିନା କୁଜୁର ଏବଂ ଜୀବନ କିଶୋରୀ ଟପ୍ପୋ ସ୍ଥାନ ପାଇଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହାସହ ସେ ଭାରତୀୟ କନିଷ୍ଠ ମହିଳା ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ପ୍ରିୟତମା ପାଇଁ ଲୁଟ୍‌ପାଟ୍ କରି ସଜା ଭୋଗୁଛି ପ୍ରେମିକ

ଭୁବନେଶ୍ୱର,୦୯।୦୧ (ନି.ପ୍ର): ଚୋର ହେଲେ ବି ଚରିତ୍ରରେ କିନ୍ତୁ ରହିଛି ପ୍ରେମିକ ପଣ । ସେଥିପାଇଁ ପ୍ରେମିକାକୁ ବୋଧହୁଏ ଖୁସି କରିବାକୁ ଚୋରି ଧନରେ ଭେଟି ଦେଉଥିଲା ମନ ପସନ୍ଦର ଉପହାର । ହେଲେ ଜେଲରେ ରହି କଳା କାରନାମାର କାହାଣୀ କହୁ କହୁ ନିଜେ ଖୋଲିଦେଲା ନିଜ ଅପରାଧର କଳାଚିଠା । ଆଉ ଧରାପଡ଼ିଲା ପୂରା କାହାଣୀ । ତାସହ ନୟାପଲ୍ଲୀ ଆଇଆରସି ଭିଲେଜରେ ୬ ମାସ ତଳର ଲୁଟ୍ ଆଉ ହତ୍ୟାର ବି ଫିଟିଲା ଗୁମର । ଇଏ ଏମିତି ଲୁଟେରା ଯାହାର



ହୃଦୟରେ ରହିଛି ପ୍ରେମିକ ପଣ । ପ୍ରେମିକା ପ୍ରତି ରଖିଛି ଗଭୀର ପ୍ରୀତି । ସେଥିପାଇଁ ଲୁଟ୍ କରି ପ୍ରେମିକାକୁ ଦେଉଥିଲା ଉପହାର । କେବେ ସୁନାଫୁଲ ତ ଆଉ କେବେ ଦାମୀ ଜିନିଷ କିଣି ଭେଟିଦେଉଥିଲା ପ୍ରାଣପ୍ରିୟାକୁ । ହେଲେ ଏବେ କିନ୍ତୁ ଝାରପଡ଼ା ଜେଲରେ ଚାରିକାନ୍ଥ ଭିତରେ । ଯାହାର ନାଁ ନାରାୟଣ ମହାନ୍ତି । ପ୍ରିୟଉମା ପାଇଁ ଲୁଟ୍‌ପାଟ୍ କରି ସଜା ଭୋଗୁଛି ଏବେ ଜେଲରେ । ରାଜଧାନୀର ବିଭିନ୍ନ ଥାନାରେ ତାନାଁରେ ରହିଛି ପ୍ରାୟ ୨୫ଟି ମାମଲା । ଚୋରୀ, ଛିନ୍ତାଇ, ଲୁଟ୍, ରାହାଯାନୀ, ହତ୍ୟା ଭଳି ଏକାଧିକ ଅପରାଧରେ ନିଜକୁ ସାମିଲ କରି ସେ ପାଲଟିଯାଇଛି ପେଶାଦାର ଅପରାଧୀ । ଲୁଟ୍ ?ପାଟ୍ କରି ଯାହା ଆଣୁଥିଲା ସେଥିରେ ଉପହାର ଦେଉଥିଲା ରାଜଧାନୀର ପ୍ରେମିକାକୁ । ତେବେ କେମିତି ସାମ୍ନାକୁ ଆସିଲା ନାରାୟଣର

▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୦ ଜାନୁଆରୀ, ୨୦୨୧
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା

ଭାଗ-୧୦



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପରୀକ୍ଷକମାନେ ଆସି ତାଙ୍କ ସମ୍ବନ୍ଧରେ ଅନୁକୂଳ ମନ୍ତବ୍ୟ ଲେଖି ଯାଉଥିଲେ। ତାଙ୍କ ଶିକ୍ଷାଦାନ ପ୍ରଣାଳୀରେ ପିଲାଙ୍କୁ ସ୍କୁଲରେ ପଢ଼ିବା ଛଡ଼ା ଘରେ ପଢ଼ିବାକୁ ହେଉନଥିଲା। ସାପ୍ତାହିକ ପରୀକ୍ଷା ଥିଲା ତାଙ୍କ ବିଶେଷତ୍ୱ। ସପ୍ତାହ ମଧ୍ୟରେ ଅତୀତ ବିଷୟରେ ପରୀକ୍ଷା ହେଉଥିଲା। ଏହି ନିୟମରେ ପ୍ରତି ସପ୍ତାହରେ ପଠିତ ବିଷୟର ପରୀକ୍ଷା ଶନିବାର ଦିନ ହେଉଥିଲା ଓ ତହିଁରେ ମାର୍କ ଦିଆଯାଇ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲା। ଏହି ନିୟମରେ ପ୍ରତି ସପ୍ତାହରେ ପଠିତ ବିଷୟରେ ପୁନରାଲୋଚନା ହୋଇଯାଉଥିଲା।

ଗୋଟିଏ ଗଳ୍ପ ଅଛି: ଦିନେ ସ୍କୁଲ ପରିଦର୍ଶକ ଆସି ଭୂଗୋଳ ପରୀକ୍ଷାରେ ପିଲାଙ୍କଠାରୁ ଉତ୍ତର ପାଇଲେ, ସୂର୍ଯ୍ୟ ପୃଥିବୀର ଚାରିଆଡ଼େ ବୁଲେ। ଶିକ୍ଷକଙ୍କୁ ପରିଦର୍ଶକ 'ପିଲାଙ୍କୁ କ'ଣ ଏହା ପଢ଼ାଇଛନ୍ତି ?' ପ୍ରଶ୍ନ କଲେ। ଶିକ୍ଷକ କହିଲେ 'ହଁ'। ପୁଣି ପ୍ରଶ୍ନକଲେ, "ଆପଣଙ୍କ ମତରେ କ'ଣ ସୂର୍ଯ୍ୟ ପୃଥିବୀର ଚାରିଆଡ଼େ ବୁଲେ ?" ଉତ୍ତର- "ପୃଥିବୀ ସୂର୍ଯ୍ୟର ଚାରିଆଡ଼େ ବୁଲେ ସତ, କିନ୍ତୁ ଦଶ ଟଙ୍କାରେ ବୁଲି ପାରିବ ନାହିଁ।" ପଣ୍ଡିତ ଲିଙ୍ଗରାଜ ଗୁରୁଙ୍କ ଜୀବନରେ ଏହା ନଥିଲା।

ସେହି ସମୟରେ ଖରା ଛୁଟି ନଥିଲା। ଜୁଲାଇ ମାସରେ ସ୍କୁଲ ବନ୍ଦ ହେଉଥିଲା। ଏହି ସମୟରେ ପିଲାମାନେ ଚାଷ କାର୍ଯ୍ୟରେ ନିଜ ନିଜ ଅଭିଭାବକମାନଙ୍କୁ ସାହାଯ୍ୟ କରିବା ସଙ୍ଗେ ଚାଷକାର୍ଯ୍ୟ ଶିକ୍ଷା କରୁଥିଲେ। ଏହି ଅବକାଶ ମଧ୍ୟରେ ବଲାଙ୍ଗିରରେ ଶିକ୍ଷକମାନଙ୍କ 'ଜୁଲାଇ ସଭା' ହେଉଥିଲା। ତହିଁରେ ଯୋଗଦାନ ଶିକ୍ଷକମାନଙ୍କ ପକ୍ଷରେ ବାଧ୍ୟତାମୂଳକ ଥିଲା। ଏଠାରେ ସ୍କୁଲ ସମୂହର ଡେପୁଟି ଇନ୍ସପେକ୍ଟର ଶିକ୍ଷାପ୍ରଣାଳୀ ଓ ସ୍କୁଲ ପରିଚାଳନା ସମ୍ବନ୍ଧରେ ଶିକ୍ଷକମାନଙ୍କୁ ଉପଦେଶ ଦେଉଥିଲେ। ଭିନ୍ନ ଭିନ୍ନ ଶିକ୍ଷକ ସ୍ୱରଚିତ ପ୍ରବନ୍ଧମାନ ପାଠ କରୁଥିଲେ ଓ ଯୋଗ୍ୟତାନୁସାରେ ପୁରସ୍କାର ପ୍ରାପ୍ତ ହେଉଥିଲେ। ପୁରସ୍କାର ବିତରଣ ଉତ୍ସବ କେଉଁ ବର୍ଷ ସ୍ୱୟଂ ମହାରାଜାଙ୍କ ଓ କେଉଁ ବର୍ଷ ତାଙ୍କ ଦେୱାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଉଥିଲା।

ମୋ ପିଲାଦିନରେ ପାଟଣାରେ ସ୍କୁଲ ସମୂହର ଡେପୁଟି ଇନ୍ସପେକ୍ଟର ଥିଲେ ଗଣପତ୍ ରାମଚନ୍ଦ୍ର କନିଟକର। ମହାରାଷ୍ଟ୍ର ବ୍ରାହ୍ମଣ। ସ୍କୁଲ ବିଭାଗ ତୁଲ୍ୟ ଅନ୍ୟାନ୍ୟ ବିଭାଗରେ ସୁଦ୍ଧା ମହାରାଷ୍ଟ୍ରୀଙ୍କ ପ୍ରାବଲ୍ୟ ଥିଲେ ହେଁ ଶିକ୍ଷା ବିସ୍ତାରରେ ଏମାନଙ୍କ ଆନ୍ତରିକତା ଥିଲା। ଗଣପତ୍ ରାମଚନ୍ଦ୍ର କନିଟକରଙ୍କ କର୍ତ୍ତବ୍ୟନିଷ୍ଠା ମନେକଲେ ଆଜି ତାଙ୍କ ସ୍ମୃତି ବିଜଡ଼ିତ ନାମରେ ମସ୍ତକ ସ୍ୱତଃ ଅବନତ ହୁଏ। ସ୍କୁଲ ପରିଦର୍ଶନ ସମୟରେ ତାଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା ପିଲାଙ୍କ ଅଭିଭାବକମାନଙ୍କୁ ଡାକି ପିଲାଙ୍କୁ ନିୟମିତ ରୂପେ ସ୍କୁଲକୁ ପଠାଇବା ସକାଶେ ଉପଦେଶ ଦେବା ଓ ନଶୁଣିଲେ ଧମକ ଚମକ ଦ୍ୱାରା ସେମାନଙ୍କୁ ବାଧ୍ୟ କରିବା। ଏହାଙ୍କ ଯତ୍ନ ଫଳରେ ଯେଉଁ ଗ୍ରାମରେ ସ୍କୁଲ ଥାଏ ସେହି ଗ୍ରାମରେ ସ୍କୁଲକୁ ଆସିବା ଭଳି ବୟସର କୌଣସି ପିଲା ସ୍କୁଲକୁ ନଆସି ରହୁନଥିଲେ। ଷ୍ଟେଟ୍‌ର ସ୍କୁଲ ସଂଖ୍ୟା ଅଳ୍ପ, ଶିକ୍ଷା ପ୍ରାଥମିକ ସ୍ତରରେ ଥିବାରୁ ଅନେକ ପିଲା ସ୍କୁଲକୁ ଆସନ୍ତି ନାହିଁ। ପିଲାଙ୍କୁ ଡାକିଆଣିବା ଜଣେ ଶିକ୍ଷକଙ୍କ ପ୍ରଧାନ କାମ ଥିଲା। କନିଟ୍‌କର୍ ମହୋଦୟ ରକ୍ଷଣଶୀଳ ମହାରାଷ୍ଟ୍ର ବ୍ରାହ୍ମଣ। ପରିଦର୍ଶନ ଶେଷରେ ମଠା ପିନ୍ଧି ସ୍ୱହସ୍ତରେ ପାକକାର୍ଯ୍ୟ ସମ୍ପାଦନ କରୁଥିଲେ।

ଗଡ଼ଜାତ ସମୂହର ଶିକ୍ଷାକାର୍ଯ୍ୟ ପରିଦର୍ଶନ ସକାଶେ ରାୟପୁରରୁ ଏଜେନ୍‌ସି ଇନ୍ସପେକ୍ଟର ପ୍ରତିବର୍ଷ ଥରେ ଆସୁଥିଲେ। ସେତେବେଳେ ଏଜେନ୍‌ସି ଇନ୍ସପେକ୍ଟର ଥିଲେ ଗଣପତ୍ ଲାଲ୍ ଚୌବେ। ଏଜେନ୍‌ସି ଇନ୍ସପେକ୍ଟରଙ୍କ ପରିଦର୍ଶନ ଗୋଟିଏ ଉତ୍ସବର ଦିନ। ମଧ୍ୟପ୍ରଦେଶର ନିୟମାନୁଯାୟୀ ସେହିଦିନ ପିଲାମାନଙ୍କୁ ଉତ୍ତମ ପୋଷାକ ପିନ୍ଧି ଆସିବାକୁ ହେଉଥିଲା। ଯାହା ଘରେ ଯେଉଁ ପେଡ଼ି ଲୁଗାଥାଏ, ତହିଁରେ ସେ ସଜ୍ଜିତ ହୋଇ ଆସେ। ସାଜସଜ୍ଜା ମଧ୍ୟରେ କୁର୍ତ୍ତା ଓ ଟୋପି, କେହି କେହି ପାଇଜାମା ପିନ୍ଧି ଆସନ୍ତି। ସମପ୍ରକାର ପୋଷାକ ପରିଧାନ ଏକପ୍ରକାର ବାଧ୍ୟତାମୂଳକ ଥିଲା। ଏଥିରେ କେତେକ ଗରିବ ଅଭିଭାବକଙ୍କୁ ଅସୁବିଧାରେ ପଡ଼ିବାକୁ ହେଉଥିଲା। ମୋର ସ୍ମରଣ ହେଉଅଛି ଚୌବେଙ୍କ ଏକ ପରିଦର୍ଶନ ଦିବସ। ସେହିଦିନ ସକାଳେ ପ୍ରାୟ ଆଠଟା ବେଳେ ସେ ଆସି ଆଗଲପୁର ସ୍କୁଲ ସମ୍ମୁଖରେ ଘୋଡ଼ାରୁ ଓହ୍ଲାଇ ପଡ଼ିଲେ। ଦୀର୍ଘକାୟ ପୁରୁଷ, ଦୀର୍ଘ ଶ୍ମଶ୍ରୁ ମୁଖରେ ଲମ୍ବମାନ, ଅଳ୍ପ ଦନ୍ତୁର, ଛାମୁଦାନ୍ତ ଦୁଇଟି ବାହାରକୁ ଦିଶୁଛି, ଈଷତ୍ ଗୌରବର୍ଣ୍ଣ, ତାଙ୍କ ପୋଷାକ ପାଇଜାମା, ଲମ୍ବ ପାର୍ସି କୋଟ୍ ଓ ଧଳା ପଗଡ଼ି। ଦକ୍ଷିଣ ହସ୍ତରେ ମୁଣ୍ଡେ ଡେଙ୍ଗାର ଗୋଟିଏ ବଂଶ ଦଣ୍ଡ ସହ ସ୍କୁଲ ଭିତରକୁ ପଶିଆସିଲେ। ସ୍କୁଲ ଏକାବେଳକେ ଚୁପ୍‌ଚାପ୍, ନିରବ, ନିସ୍ତବ୍ଧ। ପ୍ରବେଶକଲା ମାତ୍ରକେ ଶିକ୍ଷକ ତାଙ୍କୁ ପ୍ରଣାମକରି ତତ୍‌କାଳୀନ ନିୟମାନୁସାରେ ଉଚ୍ଚସ୍ୱରରେ ପିଲାଙ୍କ ପ୍ରତି ଆଦେଶ କଲେ, "ଷ୍ଟେଣ୍ଡ ଅପ୍"। ସମସ୍ତେ ଛିଡ଼ା ହେଲେ। ତତ୍ପରେ 'ସେଲୁଟ୍ ବାଇ ନମ୍ବର ୱାନ୍'। ପିଲାମାନେ ଡାହାଣ ହାତ ଉଠାଇ ଲଲାଟ ଦେଶରେ ସ୍ଥାପନ କଲେ। ତତ୍ପରେ 'ଟୁ' ହାତତଳକୁ ଓହ୍ଲାଇ ସ୍ୱାଭାବିକ ସ୍ଥାନରେ ସ୍ଥାପନ କଲେ। ପରିଶେଷରେ 'ସିଟ୍‌ଡାଉନ୍'। ସମସ୍ତେ ବସିଲେ। ସ୍କୁଲଗୃହ ଗୋଟିଏ ମାତ୍ର ପ୍ରକୋଷ୍ଠ ବିଶିଷ୍ଟ। ଚାରିଶ୍ରେଣୀର ପିଲାମାନେ ସମସ୍ତେ ତାହା ମଧ୍ୟରେ ରୁଣ୍ଡ ହୋଇଥାନ୍ତି। ଏଜେନ୍ସି ଇନ୍ସପେକ୍ଟରଙ୍କ ପରିଦର୍ଶନ ଆରମ୍ଭ ହେଲା। ପ୍ରଥମ ପିଲାଠାରୁ ଆରମ୍ଭ କରି ସମସ୍ତଙ୍କ ମୁହଁକୁ ଅନ୍ଧ ଅନାଇ ଅନାଇ ବୁଲିଗଲେ। ପ୍ରଥମ ପିଲାପାଖକୁ ଆସିବା ମାତ୍ରକେ ଅବଶ୍ୟ ଅନ୍ୟ ପିଲାଯାକ ସମସ୍ତେ ଠିଆ ହୋଇ ପଡ଼ିଲେ। ତତ୍ପରେ ପିଲାମାନଙ୍କୁ ବସିବାକୁ କହିଲେ। ପିଲାମାନେ ବସିଲାରୁ ସହକାରୀ ଶିକ୍ଷକଙ୍କୁ ତାଙ୍କ ଶ୍ରେଣୀର ପିଲାମାନଙ୍କୁ 'ମାନସାଙ୍କ' ପଚାରିବାକୁ କହିଲେ। ଶିକ୍ଷକ ପ୍ରଶ୍ନକଲେ- "ପାଂଚ କଡ଼ା କଉଡ଼ିରେ ଯଦି ଗୋଟିଏ ହାତୀ, ୪୫ କଡ଼ାରେ କେତୋଟି ହାତୀ ମିଳିବ ?" ବିଦ୍ୟୁତ୍ ବେଗରେ ଚୌବେ ମହାଶୟଙ୍କ ହସ୍ତସ୍ଥିତ ଦୀର୍ଘ ଠେଙ୍ଗା ପଛରୁ ଆସି ଶିକ୍ଷକଙ୍କ ଶିରୋଦେଶ ସ୍ପର୍ଶକଲା। ଚୌବେ ମହାଶୟ ଶିକ୍ଷକଙ୍କୁ କହିଲେ, 'ତମ ବାପଦିନେ କ'ଣ କଉଡ଼ିରେ ହାତୀ ମିଳୁଥିଲା ?" ଅସମ୍ଭବ ପ୍ରଶ୍ନ (ଅର୍ଥାତ କଉଡ଼ିରେ ହାତୀ ମିଳେନାହିଁ) ପଚାରିଥିବା ଯୋଗୁଁ ତୀବ୍ର ଭାଷାରେ ତାହାଙ୍କୁ ତିରସ୍କାର କଲେ ଓ ଆଉ ଯେମନ୍ତ ତଦ୍ରୂପ ଅସମ୍ଭବ ପ୍ରଶ୍ନ ଦ୍ୱାରା କୋମଳମତି ବାଳକଙ୍କ ମନରେ ଭ୍ରାନ୍ତ ଧାରଣା ନ ଜନ୍ମାନ୍ତି ସେ ବିଷୟରେ ଉପଦେଶ ଦେଲେ। ତତ୍ପରେ ପ୍ରତି ଶ୍ରେଣୀରେ ପ୍ରତି ବିଷୟର ପରୀକ୍ଷା ହେଲା। ସ୍କୁଲ ତ୍ୟାଗକରିବା ପୂର୍ବରୁ ସେ ସ୍କୁଲର ଉପସ୍ଥାନ ଖାତା ଦେଖିଲେ। ଆମ୍ଭ ଶ୍ରେଣୀର ରାଜାରାମ ଗୁରୁ ସର୍ବାପେକ୍ଷା ଅଧିକ ଦିନ ଅନୁପସ୍ଥିତ ହୋଇଥିବା ତାଙ୍କ ଦୃଷ୍ଟିରେ ପଡ଼ିଲା। ସେହିଦିନ ସେ କୁର୍ତ୍ତା ଉପରେ ଖଣ୍ଡେ ସଫା ସରୁ ଚାଦର ପକାଇ ଆସିଥିଲା। ସେହି ଚାଦରଖଣ୍ଡିକ ତାହା ଦେହରୁ କାଢ଼ିନେଇ ଚୌବେ ମହାଶୟ ତାକୁ ଗୋଟିଏ ଦଉଡ଼ି ପରି ବଳି ପକାଇଲେ ଓ ପ୍ରକୋଷ୍ଠ ମଧ୍ୟସ୍ଥ ଛାତ ତଳର ଏକ ପ୍ରାଚୀରରୁ ଅପର ପ୍ରାଚୀର ଉପରେ ସ୍ଥାପିତ କଡି ଉପରକୁ ଚାଦରର ଏକ ପ୍ରାନ୍ତ ଫିଙ୍ଗି, ତତ୍ପରେ ତାକୁ ଟାଣି କଡ଼ିର ଉଭୟ ପାର୍ଶ୍ୱରେ ଝୁଲାଇ ଦେଲେ ଓ ରାଜାରାମକୁ ଟେକି ତାକୁ ଶକ୍ତ ଭାବରେ ଧରି ଝୁଲିବାକୁ କହିଲେ। ରାଜାରାମ ଚାଦର ଦଉଡ଼ି ଧରି ଝୁଲୁଛି। ତାହାର ସର୍ବାଙ୍ଗରେ ବେତ୍ରାଘାତ ଚାଲିଲା। ସେ ଛାଡ଼ିପାରୁଛି ନା ରହିପାରୁଛି ? ପୀଡ଼ାରେ ଚିତ୍କାର କରି ଦୁଇଗୋଡ଼ ଛିଞ୍ଚାଡୁଛି ମାତ୍ର। ପାଂଚଛଅ ବାର ବେତ୍ରାଘାତ କଲା ଉତ୍ତାରେ ତାକୁ ଧରି ଓହ୍ଲାଇ ଦେଲେ ଓ ପ୍ରତିଦିନ ସ୍କୁଲକୁ ଆସିବା ପାଇଁ ଉପଦେଶ ଦେଲେ। ସେହି ଦିନରୁ ରାଜାରାମ ଅନୁପସ୍ଥିତ ହେବା ଦେଖାଯାଇନାହିଁ।

ଗଲା ସମୟରେ ପିଲାମାନଙ୍କୁ ମିଷ୍ଟାନ୍ନ ସକାଶେ ପାଂଚଟଙ୍କା ଦେଇଗଲେ। ତିନିବର୍ଷ ପରେ ଏ ମହାଶୟଙ୍କୁ ପୁଣି ଦେଖିଲି ବଲାଙ୍ଗିର ମଧ୍ୟ-ଇଂରେଜୀ ସ୍କୁଲରେ। ସେତେବେଳେ ମୁଁ ସେହି ସ୍କୁଲର ଛାତ୍ର। ଶିକ୍ଷକ ଓ ଛାତ୍ରମାନଙ୍କ ପ୍ରତି ନିଷ୍ଠୁରାଚରଣ ହେଉଥିଲେ ହେଁ ଏହାଙ୍କ କର୍ତ୍ତବ୍ୟନିଷ୍ଠାର ପ୍ରଶଂସା ନକରି ରହିହୁଏ ନାହିଁ। ସେହି ସମୟରେ ପ୍ରହାର ଶିକ୍ଷକମାନଙ୍କ ମୂଳମନ୍ତ୍ର ଥିଲା। ମାଡ଼ ନହେଲେ ପିଲାଏ ବିଗିଡ଼ିଯିବେ (spare the rod, spoil the child) ଏହି ନୀତି ବିଦ୍ୟାଳୟମାନଙ୍କରେ ସର୍ବତ୍ର ପାଳିତ ହେଉଥିଲା। ପିଲାଙ୍କ ଉପରେ ଶିକ୍ଷକଙ୍କ ମାଡ଼ ଓ ଶିକ୍ଷକଙ୍କ ଉପରେ ହାକିମଙ୍କ ମାଡ଼। ପ୍ରତ୍ୟେକ ଶ୍ରେଣୀରେ ଉପରେ ଶିକ୍ଷକଙ୍କ ମାଡ଼ ଓ ଶିକ୍ଷକଙ୍କ ଉପରେ ହାକିମଙ୍କ ମାଡ଼। ପ୍ରତ୍ୟେକ ଶ୍ରେଣୀରେ ବ୍ୟବହାର ସକାଶେ ଖଣ୍ଡେ ଲେଖାଁଏ ବେତ ରଖା ହୋଇଥାଏ ଏବଂ ତାହାର ବ୍ୟବହାର ଅପ୍ରତିହତ ଓ ସାଧାରଣ। ମାଡ଼ ଭୟରେ କେତେକ ଛାତ୍ର ଅକାଳରେ ସ୍କୁଲ ଛାଡ଼ି ଚାଲିଯାଉ ଥିଲେ। ସେହି ସମୟରେ ଶଗଡ଼ ଓ ଘୋଡ଼ା ଛଡ଼ା ଅନ୍ୟ ପ୍ରକାର ଯାନବାହନ ନଥିଲା। ସଙ୍ଗରେ ଘୋଡ଼ା ଥିଲେ ହେଁ ଚୌବେ ବି ଚାଲି ଚାଲି ଗସ୍ତ କରୁଥିଲେ। ଓଡ଼ିଆ ଜ୍ଞାନ ତାଙ୍କର ମନ୍ଦ ନଥିଲା। ଓଡ଼ିଆରେ ସେ ଖଣ୍ଡେ ଗଣିତ ପୁସ୍ତକ ରଚନା କରିଥିଲେ। ତାହା ଆମ୍ଭେମାନେ ପଢୁଥିଲୁଁ। ସ୍କୁଲ ପରିଦର୍ଶନ ଉତ୍ତାରେ ରାତିରେ ସେ ମେଜିକ୍ ଲଣ୍ଠନ ସାହାଯ୍ୟରେ ନାନା ଚିତ୍ତାକର୍ଷକ ଶିକ୍ଷଣୀୟ ବିଷୟର ଛବିମାନ ଦେଖାଉଥିଲେ। ତାଙ୍କ ଦେଶୀ କସରତ ଅଦ୍ୟାପି ଓଡ଼ିଶାର ସ୍କୁଲମାନଙ୍କରେ ଚଳୁଅଛି। (କ୍ରମଶଃ)



## ଡାଏରୀ -୪୭

ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



### ॥ ଫ୍ଲାସ୍ ଫରୱାର୍ଡ ॥

ବହଳ ବହଳ କସ୍ମେଷ୍ଟିକ୍‌ସକୁ ମୁହଁ ଉପରେ ବୋଳି ଚାଲିଥିଲା ମିତା । ଇଡିଅଟ୍‌ଟା ନିଜ ମୁହଁକୁ ନିରେଖି ଦେଖିନି କେବେ ନିଜ ଆଖିରେ । କେତୋଟି ଚଳଚ୍ଚିତ୍ର ଓ ଧାରାବାହିକରେ ଲିଡ୍ କାଷ୍ଟରେ ଥିଲା । ତିରିଶ ବର୍ଷ ହେବ ରଜନୀ ଦାଶର ପରିଚୟ ମିତା ସାଥିରେ । ଫ୍ୟାମିଲି ଫ୍ରେଣ୍ଡ ।

ତେବେ ମେକ୍‌ଅପ୍ ନେଉ ନେଉ ସେଦିନ ମିତା ରଜନୀ ଦାଶକୁ ପ୍ରଶ୍ନ କଲା, "ସେଦିନ ରାତି କଥା ମନେଅଛି ନା ?"

ଚମକି ପଡ଼ିଲା ରଜନୀ ଦାଶ, କୋଉ ରାତି କଥା କହୁଛି ସେ।

"ସେଦିନ, ଯୋଉଦିନ ଆମକୁ କିଛି ଆଣ୍ଟି ସୋସିଆଲ ଫଲୋ କରୁଥିଲେ ।" ଟେନାଏ ହସ ଫୋପାଡ଼ି ମିତା କହିଲା ।

'ଓଃ' ହସିଲା ରଜନୀ ଦାଶ । ପଚିଶି ବର୍ଷ ତଳର ଘଟଣାକୁ ମନେ ପକାଇବାକୁ ଚେଷ୍ଟା କଲା ଫ୍ଲାସ୍‌ବ୍ୟାକ୍ ମାଧ୍ୟମରେ ।

ଗୋଟେ ଫିଲ୍ମର ପ୍ରସ୍ତୁତି ଚାଲିଥାଏ । ହୋଟେଲରେ ସ୍କ୍ରିପ୍ଟରେ ବ୍ୟସ୍ତ ଥାଏ ରଜନୀ ଦାଶ । ଡିରେକ୍‌ଟର ବମ୍ବେରୁ ଆସିବା କଥା । ଫ୍ଲାଇଟ୍ ଲେଟ୍ ଦୁଇଘଂଟା । ସେଇ ଫିଲ୍ମର ଏକଜିକ୍ୟୁଟିଭ ପ୍ରଡ୍ୟୁସର ଥାଏ ମିତା । ନିଜ ନାୟିକା ଭୂମିକା ସହିତ ହୋଟେଲ୍‌ରେ ରଜନୀ ଦାଶ ସହ ମିତା ମଧ ଅପେକ୍ଷା କରିଥାଏ । ରାତି ବଢିବାରେ ଲାଗିଥାଏ । ରଜନୀ ଦାଶ କେମିତି ନିଜକୁ ଅପ୍ରତିଭ ମନେକଲା । ଏଣେ ଘରକୁ ଯିବାର ସମୟ ବି ହେଲାଣି । ମିତା ତା ଘରକୁ ଯିବାର ନାଁ ଧରୁନି । ଶେଷରେ ଧୈର୍ଯ୍ୟର ସୀମା ଟପିଲା ରଜନୀ ଦାଶର । ଏବେ ତାକୁ ଘରକୁ ଯିବାକୁ ପଡ଼ିବ । ମିତା ଅନୁରୋଧ କଲା 'ରଜନୀ ଭାଇ ! ମତେ ଆମ ଘରେ ଡ୍ରପ୍ କରିଦିଅ। ଏତେ ରାତିରେ ଏକ୍ଲା ଟ୍ୟାକ୍ସିରେ ଯିବାଟା ନିରାପଦ ନୁହେଁ ।"

ମନେ ମନେ ବିରକ୍ତ ହୋଇଉଠିଲା ରଜନୀଦାଶ । କିନ୍ତୁ କିଛି କହିପାରିଲାନି । ଏତେ ରାତିରେ ପୁଣି ନିଜ ସ୍କୁଟରରେ ନାୟିକାକୁ ନେଇ ରାଜଧାନୀ ରାସ୍ତାରେ ? କିଛି ଯଦି ଅଘଟଣ ଘଟେ ବାଟରେ ! ଏମିତିରେ ବି' ଏମିତିକା ଝିଅମାନଙ୍କ ପାଇଁ ଅଯଥା ରିସ୍କ ନେବା ତା ପ୍ରକୃତି ବିରୁଦ୍ଧ ।

ଯାହା ସନ୍ଦେହ କରୁଥିଲା ସେଇଆ ହିଁ ଘଟିଲା । ମିତାକୁ ବସାଇ ଆସିଲାବେଳେ ରାସ୍ତାରେ ରଜନୀ ଦାଶ ଅନୁଭବ କଲା ଗୋଟାଏ କାର୍ ତାଙ୍କ ସ୍କୁଟରକୁ ଅନୁସରଣ କରୁଛି । ମିତା କିନ୍ତୁ ବେଫିକର ଭାବରେ ଡିରେକ୍‌ଟରକୁ ଗାଳି ଦେଇ ଦେଇ ଆସୁଥାଏ ।

ସ୍କୁଟରର ସ୍ପିଡ୍ ବଢ଼ାଇଲା ରଜନୀ ଦାଶ । ମିତାକୁ ବି' ସମ୍ଭାବ୍ୟ ବିପଦ ବିଷୟରେ ଜଣାଇଦେଲା । ଯଥାସମ୍ଭବ ନିଜକୁ ବଂଚାଇ ସ୍କୁଟରର ଆକ୍ସିଲେଟର ମୋଡ଼ି ଚାଲିଲା ରଜନୀ ଦାଶ । ଏତେ ଶୀତରେ ବି' ଦେହରେ ଗମ୍‌ଗମ୍ ଝାଳ । ଫ୍ଲାସ୍ ଫରୱାର୍ଡରେ ଚାଲିଲା ରଜନୀଦାଶ । କାର୍‌ଟି ସାମ୍ନାରେ ବାଟ ଓଗାଳି ଅଟକିଯିବ । କିଛି ଅସାମାଜିକ ଯୁବକ ମରଣାସ୍ତ୍ର ଧରି ବାହାରି ଆସିବେ । ରଜନୀ ଦାଶକୁ କାବୁ କରିନେବେ । ତା'ପରେ ମିତାକୁ ....

ହଠାତ୍ ଜୋର୍‌ରେ ବ୍ରେକ୍ ଆପେ ଆପେ କଷି ହୋଇଗଲା ଓ ଗାଡ଼ିଟି ଗୋଟାଏ ଘର ଗେଟ୍‌ରେ ମାଡ଼ ହୋଇଗଲା । ରଜନୀ ଦାଶ ସଂବିତ ଫେରି ପାଇଲା। ମିତା ହସୁଥିଲା । ତା ଘର ସାମ୍ନାରେ ସ୍କୁଟର । ରଜଦୀ ଦାଶ ବୋକା ଭଳି ପଚାରିଲା "ସେମାନେ କୁଆଡ଼େ ଗଲେ ?"

ହସିଲା ମିତା, କହିଲା, "ଲୋକମାନେ ଶୋଇକରି ସ୍ୱପ୍ନ ଦେଖନ୍ତି, ହେଲେ ତମେ ଚାହିଁ କରି ବି ସ୍ୱପ୍ନ ଦେଖୁଛ । ଆମ ଫିଲ୍ମର ସିକ୍ୟୁଏନ୍ସ ଭିତରେ ହଜି ଯାଇଥିଲ ବୋଧେ ।"

ରଜନୀ ଦାଶ ଗାଡ଼ି ଷ୍ଟାର୍ଟ କଲା । ପଛରୁ ମିତାର ହସ ଶୁଭୁଥିଲା ।

ଏତେବର୍ଷ ପରେ ଆଜି ମିତା ପୁଣି ସେ କଥା ମନେ ପକାଉଛି କାହିଁକି ?

ମିତା ପ୍ରଶ୍ନକଲା, "ଆଚ୍ଛା ରଜନୀ ଭାଇ ! ସେଦିନ ଯଦି ସତରେ କିଛି ଘଟିଥାନ୍ତା ତାହେଲେ ତମେ କ'ଣ କରିଥାନ୍ତ ?"

- 'ତମକୁ ଛାଡ଼ି ଚାଲିଆସିଥାନ୍ତି ।' ଚଟାପଟ୍ କହିଲା ରଜନୀଦାଶ ।

ସତରେ ମିତା ତା'ର କିଏ କି ? ମିତା କହୁଥିଲା, "ରଜନୀ ଭାଇ, ତମ ଭଳି ପୁଅମାନେ ପ୍ରେମ ପାଇଁ ସତରେ ଅନୁପଯୁକ୍ତ ।"

## କବିତା.... ଆମ ସମୟର

### ॥ ଅବେଳର କବିତା: ଆଖି ॥



ଭାରତ ମାଝୀ

ଆଖି କଜ୍ଜ୍ୱଳ ପୂରିତ କି
କାଂଦଣା ଭରିତ- କିଏ ଜାଣେ,
ମୁଁ ତ ରାସ୍ତାରେ ଯାଉଥିବା କିଏ ଜଣେ,
ଜାଣିବି କିଭଳି ଯେ'
ତମ ଆଖି କ'ଣ ବଖାଣେ ?

ତମ ଆଖି ଜହ୍ନରାତି-
କହିଥିଲେ ଅଜୟ ପ୍ରଧାନ,
ଏପରିକି ସେ ଜହ୍ନରାତି ଦେଖି
କବିତା ଛାଡିଦେବାର ପଣ କରିଥିଲେ
ହୁଏତ ପାଇଥିଲେ ଆଉ କେଉଁ ଆଖିର
ସଂଧାନ।

ତମ ଆଖି ଏଇନା ପଂଖା ପରି
ତିନି ଚାରିଟା ଗରଜ,
ଯେକୌଣସି ଆକାରର ପୃଥିବୀରେ ବୁଲିବା
ଭାରି ସହଜ, ମଉଜ !

ମୁଁ ତ ଆଖିଟେ ପାଇନି ଏଯାଏ
ଏ ଅବେଳରେ,
ଯେଉଁ ଆଖି ବରଗଛକୁ ଦେଖିବ
ଯେଉଁ ବାଗରେ, ଠିକ୍ ବାଗରେ ଦେଖିବ
କରମଂଗା ଗଛ,
ତରାଟ ଓ ଗୋଲାପଗଛର ତ ଏଇନା ଆଠଘଣ୍ଟା କାଂଦ,
ତୁଳସୀ ଗଛ କାବାକାଠ,
କାରଣ ଜଗନ୍ନାଥ-ଘରର ତାଲାବଂଦ !

ଲୋଚନ କଜ୍ଜ୍ୱଳ ପୂରିତ କି
କାଂଦଣା-ପୂରିତ
ମୁଁ କି ଜାଣେ,
ମୋ ଆଖିକି ହିଁ ଦୃଷ୍ଟି ବୋଲି ମଣେ,
ସାରୋଳା, ଦୀନକୃଷ୍ଣ, ଭୀମାଭୋଇ, ସାରିଆ ଭିକ
ନାଁରେ ନିଜକୁ ଭଣେ !

ହାର୍ମୋନିୟମରୁ କେଉଁ ରାଗ ବାହାରୁଚି ସାଆଂତେ,
ତବଲାରେ ସାତ ତାଳି ନା ଆଠ ତାଳି ?
ଏ ଅବେଳରେ ମୋର ତ ଶହେ ପ୍ରତିଶତ ତାଳକଣା ଦୋଷ
ତମ ଆଖିର ଗାଳି !



ଆଖିରେ ବି ସଂଗୀତ ଥାଏ
ହେଲେ କିଏ ଆବିଷ୍କାର କରିନି ପରା,
ଅବଶ୍ୟ ଏ'ଠି ସଭିଏଁ
ସଂଗୀତ-ବିଶାରଦ
ମୋ କଥା ଦୋସରା, ଆଜନ୍ମ
ତାଳ ଦରମରା।
ଭାରତ, ଏ ଅବେଳର
ସବୁବେଳେ ମଶାଣିରେ
ତୋ କାଂଧରେ କଣାଗରା !
ସଂଗୀତ ମାରା !

ଅତଏବ ଉତ୍ତର-
ଆଖିରେ କଜ୍ଜ୍ୱଳ ଥାଉ କି କାଂଦ
ବାଗ ହିଁ ରାଗ,
ଚଇନିଫିଟ୍, ସଫାସୁତୁରା
ବାକି ସଭିଏଁ ବାଘ !

+ ୨୯୯/୧, ନୀଳାଦ୍ରି ବିହାର
ଭୁବନେଶ୍ୱର-୨୧
ଫୋନ୍- ୭୦୦୮୬୧୬୦୪୬

### ॥ ଲକ୍‌ଡାଉନ ॥



ସଂଜୟ ଭଟ୍ଟ



ଇପସିତା, ଗଲାରାତିରେ
କଣ ତମେ ଏକ୍ଲା ଶୋଇଥିଲ !!

ଲକଡାଉନରେ ପାଞ୍ଚଣ ଖାଇ
ଆଉ ଆସି ପାରିଲେନି ତୁମ ଚନ୍ଦା ମୁଣ୍ଡିଆ ପ୍ରେମିକ ??

ତମେ ଦିନେ ମୋର ପ୍ରଥମା ଥିଲ
ତମ ପାଇଁ ଯାଇଥିଲି ଜହ୍ନ ତୋଳିବାକୁ ଆବେଗରେ
ମାର୍ଚ୍ଚ ୩୧ର ରାଜଧାନୀ ଏକ୍ସପ୍ରେସରେ
ଚିକେନ କଷା ଆଉ ବଟର୍ ମରା ରୋଟି କଥା
ଏବେବି ମନେପଡେ
ଆଜିବି ଜାଣିପାରିଲିନି ଉପରକୁ ସତେଜ ଦିଶୁଥିବା
ଓଭନ ପୋଡା ଆଳୁ
କେମିତି ଖୋଳପା ଭିତରେ ତା ସତ୍ତା ହରେଇ ଥାଏ !!

ତମେ ଏ ଭିତରେ ଦେବଦାସ
ଟେବୁଲରେ ତାସ ପରି ବିଛେଇ ହେଲ
ବିଛାରାଶିର ଝିଅକୁ କାଳୀଦାସ ସୁଝେ ବୋଲି
କାଳିନ୍ଦୀ ନଦୀ କୂଳରେ
ତା ଉପରେ ବେତାଳ ପରି ସବାର ହେଲ
ଆମେ ଦେଖିଲୁ ତମେ
ତୁଚ୍ଛା ଗୋଟେ ପ୍ରେମର ଭାଗମାପର ବଟକରା
ତାରା ପମ ପମ ଗାଉଥିବା ପ୍ରେମିକର ଘରେ
ଅଢେଇ ଦିନ କାଟି ପାଦ କାଢିଲ



ଏବେ ଦୁର୍ଭାଗ୍ୟକୁ ଲକ ଡାଉନ
ମୋ ଅଫିସ ସାମ୍ନା ଗଛରେ ଘୁଣଖିଆ କଦମ୍ବଫୁଲ
ତମ ପରେ ମୋ ଛାତି ତଳେ ବି ପ୍ରେମିକା ହାଉଯାଉ ମ
ତମ ହ୍ୱାଟ୍ସ ଆପ୍ ନମ୍ବରଟା ଜାଣିଥିଲେ
ଦୁଃଖ ସୁଖ ହୋଇନଥାନ୍ତେ ??
ତମେ ତମ ଗଲାରାତି ପ୍ରେମିକର ଦେଇଥାନ୍ତ ଭିଡିଓ କ୍ଲିପ୍ସ
ମୁଁ ପଠେଇଥାନ୍ତି
ଜହ୍ନ ଆମକୁ ଲୁଚି ଦେଖୁଛି ଗାଇ
ପଠେଇଛି ଏବର ପ୍ରେମିକା ମୋର ।

+ ଏଚ. ଆଇ.ଜି- ୧୨୫, ଲୁମ୍ବିନୀ ବିହାର
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ: ୯୪୩୭୯୩୬୫୮୧

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୦ ଜାନୁଆରୀ, ୨୦୨୧

## ମନେପଡେ....(୪୭)

# ଜାମୁଣିଆ ମଶାଣିରେ ଜୁଇ ନିଆଁ ସେଇ ସନ୍ଧ୍ୟାରେ



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

କାହିଁ କାଳବକ୍ଷରେ କେଉଁଠି ଲୁଚିଗଲାଣି ସେଇ କଲ୍ୟାଣୀ ସ୍କୁଲକୁ ବିରାଟ ନିର୍ଜନ ଭୟଙ୍କର ଅଧକିଲୋମିଟର ଦୈର୍ଘ୍ୟ ଜାମୁଣିଆ ବଣ ତଥା ମଶାଣୀକୁ ପାର ହେଇ ଯାଉଥିବାର ଦିନସବୁ । ଏମିତି ଛାତିର ଅନେକ ଅନେକ ଭୟ ଓ ଆଶଙ୍କାକୁ ନେଇ ପ୍ରତିଦିନ ସେ ବଣୁଆ ଜାମୁଣିଆ ରାସ୍ତାକୁ ଅତିକ୍ରମ କରୁଥିଲି । ଏକମାତ୍ର ମନର ଦୁର୍ବାର ଆଶା ଓ ସ୍ୱପ୍ନ ଥିଲା ମୁଁ ପାଠ ପଢି ବଡ ମଣିଷ ହେଇ କେମିତି ମୋ ଘରର ଦୁଃଖ ଖଣ୍ଡନ କରିବି ।

ମୋର ଏବେ ବି ମନେ ଅଛି ହାଇସ୍କୁଲ ପରୀକ୍ଷା ପାଇଁ ଫର୍ମ ପୂରଣ କଲା ଦିନ ସ୍କୁଲରେ ଢ଼େରି ହେଇଯାଇଥିଲା । ପରମ୍ପରା ଦୃଷ୍ଟିରୁ ସେଇଦିନ ସ୍କୁଲରେ ଶିକ୍ଷକ ଓ ବିଦାୟୀ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଧାନଶିକ୍ଷକ ଶ୍ୟାମ ସାର ଏକ ନିରାଡ଼ମ୍ବର ଭୋଜିର ବ୍ୟବସ୍ଥା କରିଥିଲେ । ଭୋଜି ପୂର୍ବରୁ ଶିକ୍ଷକମାନେ ଆମକୁ ଭବିଷ୍ୟତ ଜୀବନ ସମ୍ପର୍କରେ କିଛି ନୀତିଗତ ଓ ଉଚିତ କଥାର ଉପଦେଶ ମଧ ଶୁଣାଇଥିଲେ । ଭୋଜି ଖାଇ ସାରି ଘରକୁ ଫେରିଲା ବେଳକୁ ସନ୍ଧ୍ୟା ହେଇଯାଇଥିଲା । ନୂଆପୁର ଗାଁ ପାର ହେଲା ବେଳକୁ ମୋହନ ବଂଶୀ ମନ୍ଦିରରୁ ସନ୍ଧ୍ୟା ଆରତୀ ଶୁଭୁଥିଲା । ମୋତେ ଏହାପରେ ଜାମୁଣିଆ ନିସ୍ତବ୍ଧ ଭୟଙ୍କର ଜଂଗଲ ପାର ହେଇ ଘରକୁ ଯିବାକୁ ହେବ । ଜାମୁଣିଆ ଦକ୍ଷିଣ ପାଖ ମଶାଣି ଓ ସେଥିରେ ରାସ୍ତାକୁ ଗଡି ଆସୁଥିବା ନର କଂକାଳ ଓ ଖପୁରୀ କଥା ମନେ ପଡି ଗଲାରୁ ମୋ ସର୍ବାଂଗ ଦେହ ଭୟରେ ଥରୁଥିଲା । ତଥାପି ମୋତେ ସେ ଜଂଗଲ ସେ ମଶାଣୀ ପାର ହେଇ ଘରକୁ ଯିବାକୁ ହେବ । ଦୁର୍ଭାଗ୍ୟକୁ ସେଇଟା ଅନ୍ଧାର ପକ୍ଷ ଥିଲା । ସେତେବେଳେ ଶେଷ ମାଘର କାହ୍ଲୁଆ ପବନରେ ଦେହ ଶିହରିତ ହେଇ ଯାଉଥିଲା । ତଥାପି ମୁଁ ଚାଲିଥିଲି ଦୁର୍ବାର ସ୍ୱପ୍ନକୁ ସାଥୀ କରି । ଶିକ୍ଷକମାନଙ୍କର ଅନେକ ମୋ ପ୍ରତି ଥିବା ଆଶା ଓ ଭରସା ମୋତେ ସେଇ ରାତ୍ରିରେ କେବଳ ପ୍ରେରିତ କରୁଥିଲା ବହୁ ଆଗକୁ ମାଡ଼ି ଯିବାପାଇଁ ସବୁ ଘାତ ପ୍ରତିଘାତକୁ ଆଡେଇ ଯାଇ ।

ହଠାତ୍ ଜାମୁଣିଆ ଜଂଗଲ ଓ ତତ୍ ସଂଲଗ୍ନ ଦଲୁଆ ପୋଖରୀ ପାଖ ପହଂଚିଲା ବେଳକୁ ମୁଁ ମୋ ଆରାଧ ଠାକୁରାଣୀ ମା ବଡାମ୍ବାଙ୍କ ନାମ ସ୍ମରଣ କଲି । କିନ୍ତୁ ଏ କି ଆଶ୍ଚର୍ଯ୍ୟ ଜାମୁଣିଆ ଭିତରେ ଏ ଆଲୋକ କେଉଁଠୁ ଆସିଲା ଏ ଅନ୍ଧାର ରାତିରେ ? ଟିକେ ଦୂରରୁ ଦେଖା ଯାଉଥିଲା ଗୋଟେ ବିରାଟ ଆଲୋକର ଶିଖା ହୁତୁ ହୁତୁ ହେଇ ପ୍ରଜ୍ୱଳନ ହେଉଥିବାର । ମୁଁ ଆଶ୍ଚର୍ଯ୍ୟ ହେଇ ଯାଇଥିଲି ଏଠି ଏପରି ରାତିର ଆଦ୍ୟ ପ୍ରହରରେ ନିଆଁ ଆସିଲା କେଉଁଠୁ ଭାବି । ଭୟ ଲାଗୁଥିଲେ ବି ମୋତେ ଧୀରେ ଧୀରେ ଅଗ୍ନିର ପାଖ ହେବାକୁ ହେଉଥିଲା ।

ପ୍ରକୃତ କଥା ହେଲା ଜାମୁଣିଆ ପୋଖରୀ ହୁଡାରେ ଏକ ସଦ୍ୟ ଜୁଇ ନିଆଁ ଜଳୁଥିଲା । ମଡାଚଣ୍ଡିଆ ମାନେ ଚାଲି ଯାଇଥିଲେ । ଉତ୍ତରା ପବନ ଲାଗି କାଠ ଓ ଶବର ଅବଶିଷ୍ଟ ଅଂଶ ତଥା ପାଖରେ ପଡିଥିବା ଶବର ପରିତେଜ୍ୟ ବିଛଣା ସବୁ ନିଆଁ ଲାଗି ହୁତୁ ହୁତୁ ହେଉଥିଲା । ବାପାଙ୍କ ଠୁଁ ସଦ୍ୟ ପୋଡ଼ା ଯାଇଥିବା ଲୋକର ଆତ୍ମାକୁ ନେବା ପାଇଁ କେମିତି କାଳପୁରୁଷମାନେ ସେ ସ୍ଥାନରେ ଘୁରୁଥାନ୍ତି ସେ ସମ୍ପର୍କରେ ଭୟଙ୍କର କାହାଣୀ ସବୁ ଶୁଣିଥିଲି । ସେଥିପାଇଁ ମୋ ଦେହ ବରଡା ପତ୍ର ପରି ଥରୁଥିଲା । ଭାବୁଥିଲି ସେ ନିଆଁକୁ ଅତିକ୍ରମ କରି ଏତେ ବଡ ଜଂଗଲକୁ ମୁଁ ପାର ହେଇ ଘରକୁ ନ ଯାଇ ସ୍କୁଲ ଫେରିଯିବି ।

କିନ୍ତୁ ଏତେ ବାଟ ଆସି ମୁଁ ଆଉ ସ୍କୁଲକୁ ଫେରିଯିବାପାଇଁ ଚାହୁଁ ନଥିଲି । ସେଥିପାଇଁ ଈଶ୍ୱରଙ୍କୁ ସ୍ମରଣ କରି ଓ ଆଖି ସେ ପାଖକୁ ନ ଦେଇ ମୁଁ ଦୌଡ଼ିଲି ଏକା ଏକା । ମୋତେ ପ୍ରତୀୟମାନ ହେଉଥିଲା ଯେମିତି କାଳପୁରୁଷମାନେ ମୋର ରକ୍ତ ଶୋଷିନେବା ପାଇଁ ମୋର ପଶ୍ଚାଦଧାବନ କରୁଛନ୍ତି । ମୁଁ ସେଥିପାଇଁ ପ୍ରାଣ ବିକଳରେ ଆହୁରି ଜୋର ଅନ୍ଧକାର ରାତ୍ରି ଭିତରେ ନିର୍ଜନ ବଣକୁ ଅତିକ୍ରମ କରୁଥିଲି । ଆକାଶରେ କେବଳ ତାରାମାନେ ସେତେବେଳେ ଉଜ୍ଜଳ ଦିଶୁଥିଲେ । ମୁଁ କେବେ ବି ଭାବି ନଥିଲି ସେଇ କାଳପୁରୁଷଙ୍କ କବଳରୁ ମୁଁ ସେଇ ରାତିରେ ଉଦ୍ଧାର ପାଇବି ବୋଲି । ତଥାପି ମୋ ଭିତରେ ଥିଲା ଅଶେଷ ମନୋବଳ । ମୁଁ ବଂଚିବି । ମୋର ବଂଚିବା ମୋ ପରିବାର ପାଇଁ ନିତାନ୍ତ ଜରୁରୀ ଥିଲା ।

ମୁଁ ଘର ପହଂଚିଲା ବେଳକୁ ରାତି ଘଡିଏରୁ ଉର୍ଦ୍ଧ୍ୱ ହେଇଯାଇଥିଲା । ଘରେ ମୁଁ ଗୋଟେ ଟୁକୁଣା ପାଣି ଘଟ ଘଟ କରି ପଇଗଲା ପରେ ମୋ ହୋସ୍ ବସିଲା । ବୋଉକୁ ସବୁକଥା କହିଲି ଓ ସିଧା ବିଛଣାକୁ ଚାଲିଗଲି । ସେ ରାତି ତମାମ ମୋତେ ନିଦ ହେଇନଥିଲା । ଯେମିତି ମୋ ଆଖି ଆଗରେ ଦେଖାଯାଉଥିଲା ସେ ପ୍ରଜ୍ୱଳିତ ଜୁଇ ଓ ତା ଚାରିପଟେ ସମ୍ମିଳିତ ଭୟଙ୍କର କାଳପୁରୁଷମାନଙ୍କ ବିକଟ କିଳିକିଳା ରଡି ।

## ଧାରାବାହିକ ଉପନ୍ୟାସ

# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ



ଭାଗ-୧୦

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପ୍ରାୟ ପାଞ୍ଚମିନିଟ୍ ପରେ ଏସ୍.ଏନ୍.ସି.ୟୁ. ଭିତରୁ ବାହାରି ଆସିଲେ କାର୍ତ୍ତିକ ବାବୁ । ଅଳ୍ପ ହସି ମୃଦୁ କଣ୍ଠରେ କହିଲେ -

"ପିଲା ଭଲରେ ଅଛି ଭାଇ । ଆପଣ ଖାଲି ଅଯଥାରେ ବ୍ୟସ୍ତ ହେଉଛନ୍ତି । ଆଉ ପାଞ୍ଚ ଛ'ଘଣ୍ଟା ରହିଲେ ମୁଁ ଭାବୁଛି ଠିକ୍ ହୋଇଯିବ । ଡେଲିଭରୀ ସମୟ ଟିକେ ବିଳମ୍ବ ହୋଇଗଲେ ସେମିତି ହୁଏ । ଏମିତି କେସ୍ ଏକମାତ୍ର ଏଇଟା ନୁହେଁ । ଦୈନିକ ଏମିତି ଅନେକ ଆସନ୍ତି, ଆଉ କୋଡ଼ିଏ ବାଇଶ ଘଣ୍ଟାରେ ଠିକ୍ଠାକ୍ ହୋଇ ଚାଲି ଯାଆନ୍ତି । ଏଥିପାଇଁ ଆପଣ ଜମା ଟେନ୍ସନ୍ ନିଅନ୍ତୁ ନାହିଁ ।"

ଏତକ କହି କାର୍ତ୍ତିକ ତାଙ୍କ କାମରେ ବାହାରିଗଲେ । କାର୍ତ୍ତିକର ସମସ୍ତ କଥା ଭବେଶ ଶୁଣିଥିଲେ ବି ଆଶା ଆଂଶକାର ସନ୍ଦେହ ଭିତରେ ସେଇମିତି ଆନ୍ଦୋଳିତ ହେଉଥିଲେ । ଗାମ୍ଭୀର୍ଯ୍ୟତା ତାଙ୍କ ମୁଖମଣ୍ଡଳରେ ସେମିତି ବିରାଜମାନ କରୁଥିଲା । ଦୀନନାଥଙ୍କ ମନ ଭିତରେ ଜ୍ୱାଇଁଙ୍କ ପାଇଁ ଏମିତି ଗୋଟେ ସଂଳାପ ଯୋଡ଼ି ହୋଇ ଆସିଲା - "ପିଲାଟା ହୋଇ ଏତେ କ'ଣ ଚିନ୍ତା କରୁଛ ! ତୁମମାନଙ୍କର ସାଂସାରିକ ଜୀବନ ଏଇମାତ୍ର ଆରମ୍ଭ ହୋଇଛି । ଅଧିକ ପିଲା ଉପୁଜେଇବାର ସମୟ ଗଡ଼ିଯାଇନି।"

ମାତ୍ର ଏପରି କଥା ସେ ଭବେଶକୁ କହିପାରିବେ ନାହିଁ । ପୁଣି ତାକୁ ଚିନ୍ତା ଏବଂ ଭାବନାରୁ ନିବୃତ୍ତ ରଖିବା ପାଇଁ କହିଲେ -

"ମୁଁ କହୁ ନଥିଲି କି ପିଲା ଆମର ଶତ ପ୍ରତିଶତ ଠିକ୍ ଅଛି । ସାମାନ୍ୟ ଟିକେ ଗଡ଼ବଡ଼ ଯାହା । ତୁମେ ବରଂ ଶୁଭଦା ପାଖକୁ ଯାଅ, ସେଠିକା ପରିସ୍ଥିତି ଉପରେ ନଜର ରଖ । ସାଂଗରେ ଜୀତେଶକୁ ନେଇଯାଅ । ସେ ତା'ର ବଡ଼ମା'ଙ୍କୁ ନେଇ ବାଇକ୍ରେ ଘରେ ଛାଡୁ । ଦ୍ୱିପ୍ରହରର ଖାଇବା ବ୍ୟବସ୍ଥା ସେ ଦେଖିବେ ।"

ଏଠୁ ଅନ୍ତର ହେବାକୁ ବୋଧହୁଏ ଚାହୁଁ ନଥିଲେ ଭବେଶ । କିଛିକ୍ଷଣ ପରେ ଶ୍ୱଶୁରଙ୍କ ଆଦେଶ ପାଳନ କଲେ ଏବଂ ଜୀତୁ (ଜୀତେଶ)କୁ ନେଇ ବାହାରିଗଲେ । ଅଦୂରରେ ଛିଡ଼ା ଛିଡ଼ା କଷ୍ଟ ପାଉଥିବା ଜନୈକ ଭଦ୍ରବ୍ୟକ୍ତିଙ୍କୁ ଭବେଶ ବସିଥିବା ଚେୟାର୍ଟିରେ ବସିବାକୁ କହିଲେ ଦୀନନାଥ ।

ଲୋକଟି କାଳ ବିଳମ୍ବ ନ କରି ଚେୟାର୍ରେ ବସିଲା ଏବଂ ଦୀନନାଥଙ୍କ ପ୍ରତି କୃତଜ୍ଞତାରେ ତା' ଅନ୍ତର ଭରିଗଲା ।

ସରକାରଙ୍କର ସମାଜ ମଂଗଳ ପାଇଁ ବହୁ ଯୋଜନାରେ ବହୁ ଅର୍ଥ ବିନିଯୋଗ ହେଉଛି । ବାହାରର ଏଇ ଅରମା ଜାଗାଟିକୁ ପକ୍କା କରିଦେଲେ, ଉପରେ ଖଣ୍ଡେ ଛପର ଦେଇଦେଲେ ହୁଏତ ଲୋକେ ଟିକେ ଆଶ୍ୱସ୍ତ ହୁଅନ୍ତେ । ନିଜେ ନିଜର ରୋଗୀଙ୍କୁ ନେଇ ଦୁଃଖ ଯନ୍ତ୍ରଣା ଓ ଉଦ୍ବେଗରେ ଠିଆଦଣ୍ଡ ଭୋଗୁଥିବା ଲୋକମାନଙ୍କୁ ଟିକେ ଆରମ ମିଳନ୍ତା ! ଉନ୍ନତ ସ୍ୱାସ୍ଥ୍ୟ ଯୋଗାଇ ଦେବାପାଇଁ ସରକାର ଡେଙ୍ଗୁରା ପିଟୁଛନ୍ତି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, କେନ୍ଦ୍ର ସରକାର ଓ ରାଜ୍ୟସରକାର ଏତେ ଅର୍ଥ ବିନିଯୋଗ କରୁଛନ୍ତି ମେଡ଼ିକାଲ୍ ଓ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ, ଅଥଚ ଦେଖ କାହାରି ଏଠି ନଜର ପଡୁନାହିଁ !

ହଠାତ୍ ପୁଣି ଡାମରା କାଉଟା ଗଛଡାଳରେ, ଠିକ୍ ଦୀନନାଥଙ୍କ ମୁଣ୍ଡ ଉପରେ କା-କା ରାବୁଛି । ବୋଧହୁଏ ସେଇ କାଉଟି ଆଉଟ୍ଡୋର ସାମ୍ନାରୁ ଉଡ଼ି ଉଡ଼ି ଆସି, ଏଠି ଏ ଗଛ ଡାଳରେ ବସିଛି ଏବଂ ରହିରହି କା-କା କରୁଛି ।

କାହିଁକି ତେବେ ଡାମରା କାଉଟି ତାଙ୍କୁ ଅନୁସରଣ କରୁଛି ?

ଡାମରାକାଉ ଅଶୁଭ ? ବହୁ ବିଶ୍ୱାସ ଏବଂ ଅନ୍ଧବିଶ୍ୱାସର ସମାହାର ଏ ଜୀବନ । ବୋଧହୁଏ ଶୁଭ କିମ୍ବା ଅଶୁଭ, ନତୁବା ଉଭୟ । ଏପରି ଏକ ଧାରଣା ଓ ବିଶ୍ୱାସକୁ ମନ ଭିତରୁ ଦୂରେଇ ଦେବାକୁ ଚେଷ୍ଟା କଲେ ଦୀନନାଥ । କୌଣସି ଧରାବଂଧା ନିୟମ ନାହିଁ ଯେ କାଉ ଅଶୁଭ ବୋଲି । ସେ ଶିକ୍ଷିତ, ସଂସ୍କାରିତ ଓ ମାର୍ଜିତ । ଗୋଟିଏ ନିମ୍ନଧରଣର କୁସଂସ୍କାରକୁ ମନ ଭିତରେ ପ୍ରଶ୍ରୟ ନ ଦେବା ବରଂ ଉଚିତ ହେବ ।

ଅଥଚ ସକାଳେ ସେମିତି ଏକ ଅଶୁଭ ଘଟଣା ତାଙ୍କୁ ଭୟ ଓ ଆତଙ୍କରେ ଶିହରିତ କରିଥିଲା । ନାତି ଜନ୍ମରେ ସେମିତି କିଛି ଅଘଟଣର ଆଂଶଙ୍କା ପ୍ରଥମରୁ ହିଁ କରୁଥିଲେ ସେ । ନିଶ୍ଚେତକ ଡାକ୍ତର ଚୌଧୁରୀ ଓ.ଟି. ଭିତରକୁ ପ୍ରବେଶ କଲା ପରେ ସେ, ଭବେଶ ଏବଂ ସୁମତି ସମସ୍ତେ ଉଦ୍ବେଗରେ ବାହାରେ ଛିଡ଼ା ହୋଇଥିଲେ । ଅନତି ଦୂରରେ ଶହେ ଦୁଇ ନମ୍ବର ପ୍ରକୋଷ୍ଠ ସାମ୍ନାରେ ଦୃଶ୍ୟ ହେଲେ ଜଣେ ତିରିଶ ପଇଁତିରିଶ ବର୍ଷର ଯୁବପୌଢ଼ । ବୟସାଧିକ୍ୟ ହୋଇ ନଥିଲେ ବି ଲାଗୁଥିଲେ ଜଣେ ପ୍ରୌଢ଼ପରି । ମଧ୍ୟମ ଧରଣର ଶ୍ୟାମଳ ଚେହେରା । ସେମାନଙ୍କ ଆଡ଼କୁ ଅଗ୍ରସର ହେବାକୁ ଉଦ୍ୟତ ହେଲା ବେଳକୁ ଦୀନନାଥ ଏକପ୍ରକାର ଝପଟି ଗଲେ ଲୋକଟି ପାଖକୁ । ଅନ୍ତତଃ ସେ ଓ.ଟି. ପର୍ଯ୍ୟନ୍ତ ଆସି ସମସ୍ତଙ୍କ ଏକାଗ୍ରତାର ବ୍ୟାଘାତ ନ ଘଟଉ । ଦୀନନାଥଙ୍କୁ ପାଖରେ ପାଇ ଲୋକଟି ପଚାରିଲା -

"ବୋଧହୁଏ ଡେଲିଭରୀ କେସ୍ ?"

ଆଉ କିଛି ଅଧିକ ପ୍ରଶ୍ନ ପଚାରି ତାଙ୍କୁ ବିବ୍ରତ କରିବା ପୂର୍ବରୁ ସଂକ୍ଷିପ୍ତରେ ସବୁ କଥା (ଅନ୍ତତଃ ଯେତିକି ଆବଶ୍ୟକ) ଜଣେଇ ଦେଲେ ଦୀନନଥ ।

"ହଁ, ମୋ ଝିଅର ଡେଲିଭରୀ । ଫାଷ୍ଟ୍ ଇସ୍ୟୁ । କାଲିଠାରୁ ଆଡ଼ମିସନ୍ ହୋଇଥିଲା । ଏବେ ଓ.ଟି.କୁ ଯାଇଛି। ସେଠି ଯେ ଛିଡ଼ା ହୋଇଛନ୍ତି ସେ ମୋର ଜ୍ୱାଇଁ ଓ ସେ ପାଖରେ ମୋର ଶାଳୀ ଭାଉଜ । ସ୍ତ୍ରୀ ଯାଇଛନ୍ତି ମନ୍ଦିର ଠାକୁରଙ୍କ ମସ୍ତକରେ ଫୁଲ ଚନ୍ଦନ ଲାଗି କରେଇବାକୁ ।"

ବାସ୍, ଆଉ କିଛି ଯେମିତି ପଚାରିବାର ଯୁ' ନ ଥିବ ଲୋକଟାର । କିନ୍ତୁ ଦୀନନାଥ ଲକ୍ଷ୍ୟ କଲେ ହଠାତ୍ ଲୋକଟିର ମୁହଁ କେମିତି ରୋଗାଳିଆ ଦିଶିଲା । ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଯେମିତି ଫାଟି ପଡୁଛି ସେ ! ଆଖିପତା ନଇଁ ଆସୁଛି । ଲାଗୁଛି ନିରନ୍ତର ଅନେକ ରାତ୍ରି ସେ ବିନିଦ୍ର ଅଛନ୍ତି । ସେ କିଛି କହିବା ପୂର୍ବରୁ ରୁମ୍ ଭିତରୁ କବାଟ ଠେଲି ବାହାରି ଆସିଲା ଜଣେ ସ୍ତ୍ରୀ ଲୋକ । ପେଜୁଆ ପେଜୁଆ ଫୁଲା ଆଖି । ଗୌରବର୍ଣ୍ଣ । ଗୋଟିଏ ଆଖି ସାମାନ୍ୟ ଟେରୀ । ମୁଦି ପଡୁଛି ଦୁଇ ଉପର ଆଖିପତା । ପେଟଟି ଅସ୍ୱାଭାବିକ ଭାବେ ବଡ଼ ଦିଶୁଚି । ବୋଧହୁଏ ଡେଲିଭରୀ ପେସେଣ୍ଟ୍ !

କାହିଁକି କେଜାଣି, ଏମିତି ଜଣେ ଲୋକ ସହିତ ସାକ୍ଷାତଜନିତ ଅଶ୍ୱସ୍ତି ଅନୁଭବ କଲେ ଦୀନନାଥ । ବରଂ ଏ ଦୁଇଜଣଙ୍କ ସହିତ ଦେଖାହୋଇ ନଥିଲେ ଭଲ ହୋଇଥାନ୍ତା ! ତାଙ୍କୁ ସାମ୍ନାରେ ଦେଖି ସ୍ତ୍ରୀଲୋକଟି ଗେହ୍ଲେଇ ହୋଇ ପଚାରିଲା ଯାହା ତାଙ୍କ ପାଇଁ ଭୀଷଣ ଏକ ଅଶ୍ୱସ୍ତିର କାରଣ ଥିଲା ।

"ଆପଣଙ୍କର କାହାର ଡେଲିଭରୀ ? ଆପଣଙ୍କ ଝିଅର ?"

କବାଟ ଫାଙ୍କରୁ ଦୀନନାଥଙ୍କ କଥାଗୁଡ଼ିକ ସ୍ତ୍ରୀ ଲୋକଟି ସଂପୂର୍ଣ୍ଣ ଶୁଣିଛି । ସେଥିପାଇଁ ଏପରି ପ୍ରଶ୍ନ ।

"ହଁ ।" - ଏତିକିମାତ୍ର ସଂକ୍ଷିପ୍ତ ଉତ୍ତରଟିଏ ଫୋପାଡ଼ିଲା ପରି କହିଲେ ଦୀନନାଥ । ସବୁ ଯେମିତି ଅସ୍ୱାଭାବିକ ମନେହେଲା ତାଙ୍କୁ । ସ୍ତ୍ରୀ ଲୋକଟା ବୋଧହୁଏ ଆଡ଼ମିସନ୍ ନେଇଛି ଡେଲିଭରୀ ପାଇଁ । ତେଣୁ ଟିକେ ଛଳ ଆନ୍ତରିକତାରେ ପଚାରିଲେ -

"ତୁମର କ'ଣ ଡେଲିଭରୀ ହେବ ? କେବେଠାରୁ ଏଠି ଅଛ ?"

"ମୋର ଡେଲିଭରୀ ହୋଇସାରିଲାଣି, ଆଠଦିନ ତଳୁ ।" ମୁହଁରେ ତା'ର ହସ ।

"କ'ଣ ହୋଇଛି, ପୁଅ ନା ଝିଅ ?" - ପଚାରିଲେ ଦୀନନାଥ।

"ପୁଅଟିଏ ହେଲା ଆଜ୍ଞା, ପୁଅ ।" - ଖୁସିରେ ଫାଟି ପଡୁଥିଲା ସେ । କହିବା ଲଗେଇ ରଖିଥିଲା, "ହେଲେ କ'ଣ ହେବ । ପାଞ୍ଚଦିନ ହେଲା ଏସ୍.ଏନ୍.ସି.ୟୁ.ରେ ଅଛି, ମେଡ଼ିକାଲ୍ରେ । ଏଠି ସେଇଟା ନାହିଁ ବୋଲି ମାଡ଼ାମ୍ ପଠେଇ ଦେଇଛନ୍ତି ସେଠିକି । ମୁଁ ଅପେକ୍ଷା କରିଛି, ଭଲହୋଇ ଆସିଲେ ଘରକୁ ନେଇକି ଯିବି ।" ଖୁବ୍ ସରଳ ଓ ସ୍ୱଚ୍ଛଥିଲା ତା'ର ବାକ୍ୟଗୁଡ଼ିକ ।

ଦୀନନାଥଙ୍କ ପାଖକୁ ଲାଗି ଛିଡ଼ା ହୋଇଥିବା ପୁରୁଷ ଜଣକ ଦୁଇପାଦ ଆଗେଇ ଗଲେ ଏବଂ ସ୍ତ୍ରୀ ଲୋକଟିକୁ ଆକଟ କଲା ଭଳି କହିଲେ -

"ତୁମେ ଭିତରକୁ ଯାଉଛ ନା ? ଡାକ୍ତରାଣୀ କହିଛନ୍ତି ତୁମର ସଂପୂର୍ଣ୍ଣ ରେଷ୍ଟ୍ ଦରକାର । ଏତେ କିଛି ଗପନାହିଁ । ଶୀଘ୍ର ସୁସ୍ଥ ହେଲେ ଘରକୁ ଯିବ ।"

"ମୁଁ ସୁସ୍ଥ ହୁଏ କି ନହୁଏ, ମୋ ପୁଅ ଆସିଲେ ମୁଁ ଏଠୁ ଚାଲିଯିବି ହିଁ ।" - କହି କହି ନିଜ କୋଠରୀ ଭିତରକୁ ଚାଲିଗଲା ସେ ଏବଂ କବାଟ ବନ୍ଦ କରିଦେଲା । ପୁରୁଷ ଜଣକ ସଂଭବତଃ ତାଙ୍କ ସ୍ୱାମୀ ।

ଏହାକୁ ଆଦୌ ଅସ୍ୱାଭାବିକ କି ଅଘଟଣ ବୋଲି ଆଦୌ ଭାବି ନଥାନ୍ତେ ଦୀନନାଥ, ଯଦି ପୁରୁଷ ଜଣକ ଯା'ପରେ ତାଙ୍କ ସହିତ କଥା ହୋଇ ନଥାନ୍ତେ !

"ପାଗିଳୀଟା ଆଜ୍ଞା ! ଟିକେ ମୁଣ୍ଡ ବିଗିଡ଼ିଯାଇଛି ।" - କହିଲେ ଯୁବ ପ୍ରୌଢ଼ ଜଣକ । ତାଙ୍କ ସ୍ୱରରୁ ସ୍ପଷ୍ଟ କିଛି କରୁଣତା ବାରି ହୋଇ ପଡୁଥିଲା ।

ଚକିତ ହେଲେ ଦୀନନାଥ ଲୋକଟିର ଏଇ ଶେଷ କେଇପଦ କଥାରେ । ବଲ ବଲ କରି ଚାହିଁ ରହିଲେ ତାଙ୍କ ମୁହଁକୁ ।

"କ'ଣ ଡେଲିଭରୀ ହୋଇ ନାହିଁ ?" - ପଚାରିଲେ ଦୀନନାଥ ।

"ଆଜ୍ଞା ହଁ। ଆଠଦିନ ତଳେ ଡେଲିଭରୀ ହୋଇଥିଲା; ପୁଅଟିଏ । କିନ୍ତୁ.. ।"

"କିନ୍ତୁ କ'ଣ ?" - ଆହୁରି ଆଶ୍ଚର୍ଯ୍ୟରେ ଫାଟି ପଡ଼ିଲେ ଦୀନନାଥ । ଓ.ଟି. ଭିତରେ ନିଜ କନ୍ୟା ଶୁଭଦା, ଅପରେସନ୍ ଆରମ୍ଭ ହୋଇ ଯାଇଥିବ !

"ପାଞ୍ଚଦିନ ତଳେ ପିଲାଟା ମରିଗଲା ଏଇ ନର୍ସିଂ ହୋମ୍ରେ । ହେଲେ ମିଛରେ ତାଙ୍କୁ କୁହାଯାଇଛି, ପୁଅ ତା'ର ଏସ୍.ଏନ୍.ସି.ୟୁ.ରେ ଅଛି । ଏଇ ମିଛ ଆଶ୍ୱାସନାରେ ସେ ଟିକେ ଶାନ୍ତିରେ ଅଛି । ଅପରେସନ୍ ପରେ କ'ଣ ହେଲା କେଜାଣି, ମାନସିକ ସ୍ଥିତି ଆଦୌ ଭଲ ନାହିଁ ତାଙ୍କର ।" - କହି ଦୀର୍ଘଶ୍ୱାସ ଛାଡ଼ିଲା ଲୋକଟି ।

ବଡ଼ ଆଶ୍ୱସ୍ତିବୋଧ କଲେ ଦୀନନାଥ । ଲୋକଟିକୁ ଆଉ କିଛି ପଚାରିବାକୁ ଇଚ୍ଛା ହେଉ ନଥିଲା ତାଙ୍କର । ତେବେ ମୃତ୍ୟୁର କାରଣଟି ପଚାରିବା ଅନ୍ତତଃ ଉଚିତ ହେବ ବୋଲି ସେ ମନେ କଲେ ।

"ମରିଗଲା କାହିଁକି ?"

"ପ୍ରି-ମେଚିଓର୍ ଡେଲଭରୀ ହେଲା" - ଯୁବକଟି କଣ୍ଠରୁ ଯେମିତି ଗଳିପଡ଼ିଲା ବାକ୍ୟଟି ।

"ସି.ଏସ୍. ନା ନର୍ମାଲ ?" - ଜେରାକଲା ଭଳି ପଚାରିଲେ ଦୀନନାଥ । କ୍ଷେତ୍ର ଏବଂ ପାତ୍ର ବଦଳି ଯାଇଥିଲେ ହୁଏତ ଏହା ମନେ ହୋଇଥାନ୍ତା ଦୀନନାଥ ଜଣେ ଅଭିଜ୍ଞ ଡାକ୍ତର, ଆଉ ଲୋକଟି ଜଣେ ଡେଲିଭରୀ ପେସେଣ୍ଟର ଆଟେଣ୍ଡାଣ୍ଟ୍ ।

"ଆଜ୍ଞା ସି.ଏସ୍. ।" - କହିଲା ଲୋକଟି ।

"ଯଦି ସି.ଏସ୍, ତେବେ ଆଗୁଆ କାହିଁକି କଲ ?" - କଣ୍ଠସ୍ୱର ଆହୁରି ତୀବ୍ର ଓ କଠୋର ଶୁଣାଗଲା ଦୀନନାଥଙ୍କର ।

(କ୍ରମଶଃ)

## ଅନୁବାଦ ଗଳ୍ପ

# ॥ ପିତାର ଦାୟିତ୍ୱ ॥

ମୂଳ ହିନ୍ଦୀ- ଶ୍ୟାମସୁନ୍ଦର ଅଗ୍ରୱାଲ
ଅନୁବାଦକ- ବିନୟ କୁମାର ଦାସ



ମିଟିଂ ସରିବା ବେଳକୁ ଘଡି ତାରିଖ ବଦଳାଇ ଗୋଟିଏ ବାଜିବା ଦେଖାଉଥାଏ । ମିଟିଂରେ ଯୋଗ ଦେବାକୁ ଆସିଥିବା ଗୋଟିଏ ସହରରୁ ତିନି ବନ୍ଧୁଙ୍କୁ ଚା କପେ କପେ ଦରକାର ପଡିଲା । ସେଠାରେ ଚା ପାନ ର ବ୍ୟବସ୍ଥା ନଥିଲା । ସେମାନେ ବ୍ୟାକୁଳ ହେଲେ । କିନ୍ତୁ କଥା ହେଉଛି ଏତେ ରାତିରେ ସେମାନେ ଚା ପାଇବେ କୋଉଠୁ ? ଏ ସହର ସେମାନଙ୍କ ପାଇଁ ନୂଆ ଥିବାରୁ ଏଠାରେ କୋଉଠି କଣ ମିଳିପାରେ, ସେ ଧାରଣା ବି ସେମାନଙ୍କର ନଥିଲା ।

କପେ କପେ ଚା ସେମାନଙ୍କୁ ଫ୍ରେଶ୍ କରାଇ ଦେଇପାରେ । ଜଣେ ପ୍ରସ୍ତାବ ଦେଲେ , ଆରେ ଚାଲନା..ଦେଖିବା ଯଦି କୌଣସି ଜାଗାରେ ଦୋକାନଟିଏ ଖୋଲା ଥିବ । ଆଉ ଯଦି ନ ମିଳେ, କିଛି ନହେଲେ ତ ଗୋଟେ ବୁଲା ହୋଇଯିବ । ସମସ୍ତେ ରାଜି ହେଲେ ।

ସେମାନେ ଚାଲିବାକୁ ଆରମ୍ଭ କଲେ । ବେଶ୍ କିଛି ବାଟ ଯିବା ପରେ ଏକ ରେଲୱେ ଫାଟକ ପଡିଲା । ଯେମିତି ସେମାନେ ଏହାକୁ ଟପିଛନ୍ତି , ଦେଖିଲେ ଟିକେ ଦୂରରେ ଏକ ଦୋକାନରେ ଆଲୋକ ଜଳୁଛି । ଆଶାର ଆଲୋକ ମଣିଷକୁ ପୁଲକିତ କରାଏ । ଅଚାନକ ସେମାନଙ୍କ ପାଦର ଗତି ବଢିଗଲା । ସେଠାରେ ପହଂଚି ଦେଖିଲେ, ସତକୁ ସତ ସେଇଟା ଗୋଟେ ଚା ଦୋକାନ ।

"ତିନି କପ୍ ଚା ।" ଅର୍ଡର କରିଦେଇ ସେମାନେ ଏକ ବେଂଚ୍ ରେ ବସିପଡିଲେ ।

"ଭାଇ, ଏତେ ରାତିଯାଏ ଦୋକାନ ଖୋଲା ରଖିଚ ଯେ ?" ଜଣେ ପଚାରିଦେଲା ।

"ଏତେ ରାତି କଣ ? ମୋ ଦୋକାନ ତ ସାରା ରାତି ଖୋଲା ରହେ ।" କହିଲା ଦୋକାନୀ ।

"ଓ..ତେବେ ଦିନରେ ବନ୍ଦ ଥାଏ ?"

"ନା ସାହେବ, ଦିନରେ ବି ଖୋଲା ଥାଏ ।"

ତିନିଜଣ ଟିକେ ଆଶ୍ଚର୍ଯ୍ୟ ହେଲେ ଏତକ ଶୁଣି । ପରସ୍ପରକୁ ଚାହିଁଲେ ।

" ଦିନରେ ଖୋଲା..ରାତିରେ ଖୋଲା.. ତେବେ ତୁମେ ଶୋଉଛ କେତେବେଳେ ?"

"ସକାଳେ ଝିଅକୁ ତା ସ୍କୁଲ ରେ ଛାଡିଦେଇ ଆସେ ଆଉ ତାପରେ ଶୋଇଯାଏ । ସ୍କୁଲ ଛୁଟି ହେବା ଯାଏ ଶୋଇଥାଏ । ଛୁଟି ପୂର୍ବରୁ ଉଠି ତାକୁ ସ୍କୁଲରୁ ନେଇଆସେ । "

"ସ୍କୁଲ ତାହେଲେ ବହୁତ ଦୂର ଏଠାରୁ ?"

"ନା ସାହେବ , ଏଇ ପାଖରେ ।"

"ଦିନରେ ତେବେ ଦୋକାନ ଖୋଲାରହେ କେମିତି ?"

"ଯେତିକି ସମୟ ମୁଁ ଶୋଇଥାଏ, ମୋ ଘରବାଲୀ ସେ ଡ୍ୟୁଟି କରିଦିଏ । ମୁଁ ଆସିଗଲେ ତା'ର ଛୁଟି । ମାନେ..ସେ ରାତିରେ ଶୁଏ ଆଉ ମୁଁ ଦିନରେ ।" ଚା ତିଆରି କରୁକରୁ କହିଚାଲିଥାଏ ସେ ।

"ଆରେ କଣ କହୁଚ ତୁମେ ! ଦିନରାତି କାମ । ଆଚ୍ଛା, ଦିନରେ ତ ଭଲ ଗରାଖ ହେଉଥିବେ, ରାତିରେ କଣ ସେମିତି ଭଲ କାରବାର ହୁଏକି ?"

"ସାହେବ, ଏଇଟା ହାଇୱେ ତ..ଦୋକାନ ଖୋଲାଥିବା ଦେଖିଲେ , ଟ୍ରକବାଲା ଅଟକନ୍ତି । କେବେକେବେ ବସ୍ ବି ଅଟକେ । ଭଲ ଦି'ପଇସା ହୋଇଯାଏ । ତେବେ ସାହେବ, ମୁଁ କଣ ପଇସା ପାଇଁ ରାତି ଦୋକାନ ଖୋଲା ରଖେ କି ?"

"ଆଉ.. ? କଣ ପାଇଁ ସାରା ରାତି ଚେଇଁ ରହୁଚ ତୁମେ ?"

" ସାହେବ, ମୁଁ ବାପଟିଏ । ଘରେ ମୋର ଝିଅ । ତାର ସୁରକ୍ଷା ମୋର ଦାୟିତ୍ୱ । ସେଇଥିପାଇଁ.." ତା ଚେହେରାରେ କେମିତି ଏକ ଚିନ୍ତାର କଳା ବାଦଲ ଖେଳି ଯାଉଥିଲା । ପାଖରେ ବସିଥିବା ଜଣେ ଲୋକକୁ ଇସାରା କରି କହିଲା , "ଏ ମୋର ବନ୍ଧୁ । ଆଉ ସେ ରେଲୱେ ଫାଟକରେ ରାତି ଡ୍ୟୁଟି କରୁଥିବା ବାବୁ ମୋତେ ସାହାଯ୍ୟ ସହଯୋଗ କରିବାକୁ ପ୍ରସ୍ତୁତ ଥାଆନ୍ତି । ମାନେ ଯଦି କେବେ କିଛି ଅସୁବିଧା ହୁଏ ତ..।"

"ଝିଅ ତୁମର ବଡ ହୋଇଯାଇଛି ତାହେଲେ ?"

"ନା , ସାହେବ । ତାକୁ ତ ଏବେ ଦଶ ପୂରିଲା । ତେବେ ସାହେବ ସେ ଜଙ୍ଗଲି ଜାନୁଆରଙ୍କ ପାଇଁ ବୟସର ତ କିଛି ମାନେ ନାହିଁ ।"

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

## ॥ ଅଣୁଗଳ୍ପ ॥

# ॥ ସଂସ୍କାର ॥

ଅରୁଣ କୁମାର ମହାନ୍ତି



ନୂଆ ବାହା ହୋଇ ଆସିଥିବା ବୋହୂ ସହ କଥା ହଉ ହଉ ଶାଶୁ ମାଆ କହିଲା..ଆଜି ମୋ ଗୋଡ ବହୁତ ବିନ୍ଧୁଚି ଟିକେ ମୋ ଗୋଡ ଘଷି ଦେବୁ ବୋହୂ ।

ବୋହୂ:- ମୁଁ ସକାଳୁ କାମ କରି କରି ଥକି ଗଲିଣି । ମୁଁ ଯାଉଛି ଶୋଇ ବାକୁ । ମୋତେ ବହୁତ ନିଦ ଆସିଲାଣି ।

ଦୂରରେ ଥାଇ ସ୍ୱାମୀ ଅଶୋକ ଚିଲେଇକି କହିଲା ।

ଅଶୋକ :- ପ୍ରିୟା......... ଏମିତି କଣ କହୁଚ ...

ଏତିକିରେ ଶାଶୁ ଆରମ୍ଭ କରିଦେଲା..

ଶାଶୁ:-ଚାରି ଦିନ ହେଲା ଘରକୁ ଆସିନୁ... ଆଉ ଏମିତି କଥା କହୁଛୁ ?? ତୋ ବୋପା ମା କଣ ସଂସ୍କାର ବୋଲି ତୋତେ କିଛି ଶିଖେଇ ନାହାନ୍ତି ।

ନୂଆବୋହୁ:- ଶୁଣ ବୋଉ, ତୁମେ ତ ସଂସ୍କାର ମାଗି ନଥିଲ ନା..??

ଶାଶୁ:- ତୁ କଣ କହିବାକୁ ଚାହୁଁଛୁ ।

ନୂଆବୋହୁ:- ହଁ ବୋଉ , ତୁମେମାନେ ଯୌତୁକରେ ଟିଭି, ଫ୍ରିଜ, ଗୋଡ୍ରେଜ, ଏସି, ଟଙ୍କା, ସୁନା ଗହଣା, କଂସା ବାସନ, ଖଟ ପଲଙ୍କ ଠୁ ଆରମ୍ଭ କରି ଘରର ସବୁ ସାମାନ ମଗାଇଲ, କିନ୍ତୁ ସଂସ୍କାର କଥା ତ ଲେଖି ନଥିଲ ?

ଆଉ ଏ ସବୁ ଜିନିଷ ଯୋଗାଡ଼ କରିବାରେ ମୋ ବାପା ତାଙ୍କର ନିଜ ଘର ବନ୍ଧା ପକାଇ ଦେଲେ, ମୋ ମାଆ ସବୁ ଗହଣା ବିକ୍ରି କରି ଦେଲା ବାପାଙ୍କର ଜଣେ ସାଙ୍ଗ କିଛି ଆର୍ଥିକ ସହାୟତା କଲେ ଆଉ ଭାଇ କିଛି ଟଙ୍କା ବ୍ୟାଙ୍କ୍ରୁ ଲୋନ୍ ଆଣିଲା । ବାସ୍ ଏ ସବୁ ରେ ମୁଁ ବି ମୋ ସଂସ୍କାର ବିକି ଦେଲି ।

ଇଶାଣପୁର, ଯାଜପୁର
(ମୋ) ୭୭୧୫୦୮୧୩୦୮

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com





## ଆଉଜା କବାଟ (୨୩)

# କାରଣ ଆମେ ସ୍ୱାଧୀନ

ଡ. ରାଧାରଂଜନ ପଟ୍ଟନାୟକ

'ସ୍ୱାଧୀନତା'କୁ ଆମେ ସମସ୍ତେ ଭରପୂର ଉପଭୋଗ କରିଆସୁଛୁ। ସ୍ୱାଧୀନତା କିପରି ମିଳିଲା ଏବଂ କେଉଁ କେଉଁ ଶହୀଦ ନିଜ ନିଜର ସର୍ବସ୍ୱ ଅଜାଡ଼ି ଦେଲେ, ସେ ସମ୍ପର୍କରେ ଅନେକ ଗବେଷଣା ହୋଇଛି। ଲେଖାବି। ଏଣୁ ମୋର ଚିନ୍ତନ କେବଳ ସ୍ୱାଧୀନତାକୁ ଉପଭୋଗ କରିବି, କାରଣ ଚିନ୍ତା କରିବା ଆମର ଏକ ନିତ୍ୟ ନୈମିତ୍ତିକ ଆଦତ୍।

ଆମେ ଆଜି ସ୍ୱାଧୀନ। ଆମ ଜମି, ଆମ ଆକାଶ ବି ସ୍ୱାଧୀନ। ଦେଶର ତମାମ୍ ସହର, ସହରର ଉପାନ୍ତ ଅଞ୍ଚଳ, କାଦୁଅ ତଥା ଅସନାୟୁକ୍ତ ଗାଁ ବି ଆଜି ସ୍ୱାଧୀନ। ଏହି କଥାକୁ ରାଜନୀତିର ଛାଞ୍ଚରେ ଢାଳି କହିଲେ ଆମେ ଗର୍ବ ଅନୁଭବ କରୁ। କାରଣ ଆମେ ସ୍ୱାଧୀନ। କୌଣସି ନେତା ଏହି ବିଷୟ ଉପରେ ଦୁଇ ତିନିଘଣ୍ଟା ଭାଷଣ ଦେଇପାରନ୍ତି। ମାତ୍ର ମୁଁ ଅତି ସଂକ୍ଷେପରେ ମୋର କଥା ରଖିବି।

ସର୍ବପ୍ରଥମେ ମୁଁ ନିଜ କଥା ଅର୍ଥାତ୍ ସାଧାରଣ ମଣିଷଠୁଁ ଆରମ୍ଭ କରିବି। ଆମେ ସ୍ୱାଧୀନ। ଆମର ଇଚ୍ଛା ଯେଉଁଠି ଚାହିଁବା ଆବର୍ଜନା ଫିଙ୍ଗିପାରିବା, ଯେଉଁଠି ଛିଡ଼ା ହୋଇବି ପବିତ୍ର ଲଘୁ ଶଙ୍କାର ସମାଧାନ କରିପାରିବା ଏବଂ ଚାହିଁବା ତ କୌଣସି କାନ୍ଥ ବା ପାଚେରୀର ଛାତି ଉପରେ ପାନ ଖାଇ ଛେପ ପକାଇପାରିବା। କିଛି ଛେପ ପକାଇବାର ଏମିତି ଅନେକ ହିତାକାଂକ୍ଷୀ ବନ୍ଧୁ ଅଛନ୍ତି, ଯେଉଁମାନେ ଏତାଦୃଶ କଳାରେ ଏତେ ପାରଙ୍ଗମ ଯେ ସେମାନେ କର୍ତ୍ତବ୍ୟନିଷ୍ଠ ହୋଇବି ସର୍କାରୀ କୋଠାଘରର କାନ୍ଥରେ ଲେଖା ଯାଇଥିବା ବିଜ୍ଞାପନ ଥିଲେବି ଛେପ ମାରିପାରନ୍ତି। ଯେଉଁଠି ଲେଖାଥାଏ "ଦୟାକରି ଛେପ ପକାନ୍ତୁ ନାହିଁ।" ଏହାର ପ୍ରତ୍ୟକ୍ଷ ଉଦାହରଣ କଚେରୀର କାନ୍ଥ ଉପରେ ଦେଖିବାକୁ ମିଳିଥାଏ। ଏହି ପବିତ୍ର କାମରେ କେହି ଆକଟ କରିପାରିବେ ନାହିଁ। କାରଣ, ଆମେ ସ୍ୱାଧୀନ କେବଳ ଏତିକି ନୁହେଁ, ଆମ ଦେଶର ସଚେତନ ନାଗରିକ ବି ନିଜ ଇଚ୍ଛାରେ ନିଜ ସ୍ୱାଧୀନତାକୁ ଉପଭୋଗ କରିବା ସଂଗେ ସଂଗେ ସାଧାରଣ ରାସ୍ତା ମଝିରେ ନିଜ ଗାଡ଼ିକୁ ଠିଆ କରାଇଥାନ୍ତି। ଏହାର ଫଳସ୍ୱରୂପ ଯଦି ରାସ୍ତା ବନ୍ଦ ହୋଇଯାଏ ଅଥବା ଜାମ୍ ଲାଗିଯାଏ, ତେବେ ଏ ସମ୍ପର୍କରେ ଚିନ୍ତା କରିବା ସର୍କାରଙ୍କ କାମ ବୋଲି ସଭିଏଁ ଭାବନ୍ତି। ପୋଲିସ୍ ବାଲାଙ୍କ ଉପରେ ଆଙ୍ଗୁଳି ଉଠାନ୍ତି। ଟ୍ରାଫିକ୍ ବାଲାଙ୍କ ଉପରେ ତ ନାହିଁ ନଥିବା ଗାଳିବି ଦିଅନ୍ତି।

> ଆମେ ସ୍ୱାଧୀନ କେବଳ ଏତିକି ନୁହେଁ, ଆମ ଦେଶର ସଚେତନ ନାଗରିକ ବି ନିଜ ଇଚ୍ଛାରେ ନିଜ ସ୍ୱାଧୀନତାକୁ ଉପଭୋଗ କରିବା ସଂଗେ ସଂଗେ ସାଧାରଣ ରାସ୍ତା ମଝିରେ ନିଜ ଗାଡ଼ିକୁ ଠିଆ କରାଇଥାନ୍ତି। ଏହାର ଫଳସ୍ୱରୂପ ଯଦି ରାସ୍ତା ବନ୍ଦ ହୋଇଯାଏ ଅଥବା ଜାମ୍ ଲାଗିଯାଏ, ତେବେ ଏ ସମ୍ପର୍କରେ ଚିନ୍ତା କରିବା ସର୍କାରଙ୍କ କାମ ବୋଲି ସଭିଏଁ ଭାବନ୍ତି।

ଏତଦ୍‌ଭିନ୍ନ ସହରକୁ ଦୁର୍ଗନ୍ଧଯୁକ୍ତ ବନାଇବା ପାଇଁ ଆମେ କାହାରିଠାରୁ ବି ପଛରେ ନଥାଉ। "ହମ୍‌ସେ ବଡ଼ା କୌନ୍ ହୋ ସକ୍‌ତା" ଆମେ ଆମର ଘର ଏବଂ ଦୋକାନକୁ ନିୟମିତ ଝାଡୁ ଲଗାଉ। ସାଫ ସଫାଇ ବି କରୁ। ମାତ୍ର ଘରର ଅଥବା ଦୋକାନର ସାରା ଆବର୍ଜନା ଟେକି ଆଣି ପୂରା ଦାୟିତ୍ୱବାନ୍ ସହକାରେ ସଡ଼କ ଉପରେ ଫିଙ୍ଗିଦେଉ। ସଡ଼କ ଅପରିଷ୍କାର ହୋଇଯାଉ ଅଥବା ଦୁର୍ଗନ୍ଧଯୁକ୍ତ ହୋଇଯାଉ ଆମର କୌଣସି ଦାୟିତ୍ୱ ନାହିଁ। କାରଣ ଆମେ ସ୍ୱାଧୀନ।

ଆମ ଦେଶର ବେକାରୀ ସମସ୍ୟା ଏକ ବଡ଼ ସମସ୍ୟା। ମାତ୍ର ରେଜାଗାର କରିବାର ପନ୍ଥା ଅନେକ ଅଛି। କରିବା ବାଲା କିନ୍ତୁ ଦରକାର। ଯଦି ଆପଣ ବେରୋଜଗାର ତେବେ ଚିନ୍ତା କରିବା ଦର୍କାର ନାହିଁ। ଏଥିପାଇଁ ସହର କିମ୍ବା ସହରର ଉପାନ୍ତ ଅଞ୍ଚଳରେ ଗୋଶାଳା (ଡେରୀ ଉଦ୍ୟୋଗ) ଚଳାଇ ପାରିବେ। ସହରର କୌଣସି ଜନସଂଖ୍ୟା ବହୁଳ ସ୍ଥାନରେ ମାତ୍ର ପଚାଶ ମିଟରର ଦୋକାନ୍‌ରେ ମଧ୍ୟ ଡେରୀ ଉଦ୍ୟୋଗ ଚଳାଯାଉଛି। ମଇଁଷି ସଡ଼କ ଉପରେ, ଗୋବର ଏବଂ ଭୁଷା ଛାତ ଉପରେ ଶୋଭାପାଏ। ଯାହା ସାମାନ୍ୟ ପବନରେ ଉଡ଼ି ପଡ଼ୋଶୀଙ୍କ ଘରକୁ ପବିତ୍ର କରିଥାଏ। ଗଳିରେ ଗୋବର ଦ୍ୱାରା ଶୋଭନୀୟ ଦୃଶ୍ୟ ସୃଷ୍ଟି କରିଥାଏ। ସଡ଼କ କଡ଼ରେ ବନ୍ଧା ଯାଇଥିବା ମଇଁଷି ପାର୍ଶ୍ୱରେ ଥିବା ଗଳିରୁ ବାହାରିବା ସମୟରେ, ଆପଣ କେତେବି ସ୍ନାନ କରି ପବିତ୍ର ହୋଇଥାଆନ୍ତୁ, ମଇଁଷିର ଗୋବର ଲିପା ଲାଞ୍ଜ ଅବଶ୍ୟ ଆଶୀର୍ବାଦ ଦେବ। କେହି ଏହାକୁ ଖରାପ ମାନିବ ତ ମାନୁ, ଆମକୁ କେହି ଏ ବାକ୍ୟରୁ ନିବୃତ୍ତ କରିପାରିବ ନାହିଁ। କାରଣ ଆମେ ସ୍ୱାଧୀନ। ଏହାର ଏକ ବିକଳ୍ପ ଏହା ମଧ୍ୟ ହୋଇପାରେ ଯଦି ଆପଣଙ୍କ ଘରେ ଜାଗା ବିଲ୍‌କୁଲ୍ ନାହିଁ, ଏବଂ ଆପଣ ଗୋମାତାଙ୍କ ସେବା କରିବାକୁ ଚାହୁଁଥାନ୍ତି, ତେବେ ଆପଣ ଗୋଟିଏ କିମ୍ବା ଦୁଇଟି ଗାଈ ପାଳିନିଅନ୍ତୁ। ଦୁଧ ଦୁହିଁବା ସମୟରେ ଗାଈକୁ ଅଟକାଇ ନିଜର ଦୁଗ୍ଧ ଆମଦାନୀ କାର୍ଯ୍ୟ ସମାପ୍ତ ପରେ ସେହି ଗାଈକୁ ସହର ଭ୍ରମଣ ଉଦ୍ଦେଶ୍ୟରେ ଛାଡ଼ିଦିଅନ୍ତୁ। ଏହି ଗାଈ ଏବଂ ତାର ବଂଶଜ ସ୍ୱତନ୍ତ୍ରତାପୂର୍ବକ ସହରର ସାର୍ବଜନିକ ସ୍ଥାନରେ ବିଶେଷ କରି ପରିବା ମାର୍କେଟରେ ଲୋକଙ୍କୁ ସୂଚାଇ ଦେବ ଯେ, ବାସ୍ତବିକ୍ ଆମେ ପ୍ରକୃତରେ ସ୍ୱାଧୀନ।

ସ୍ୱାଧୀନତାର କଥା ହେଉଥିବ ମାତ୍ର ବଜାର ସମ୍ପର୍କରେ ଚର୍ଚ୍ଚା ନଥିବ, ଏକଥା ହଜମ ହୁଏ ନାହିଁ। ବଜାରର ସ୍ୱାଧୀନତା ପ୍ରତ୍ୟକ୍ଷ ରୂପରେ ଦୃଷ୍ଟି ଗୋଚର ହୁଏ। ନିଜ ଦୋକାନର ସାରା ଅବର୍ଜନା ସଡ଼କ ଉପରେ ଫିଙ୍ଗି ନିଜ ଦୋକାନକୁ ଖୁବ୍ ମନଯୋଗ ସହକାରେ ସଜାଇ ଥାଉ। ଦୋକାନ ସଜାଇବା ପାଇଁ ଫୁଟ୍‌ପାଥ୍‌କୁ ଅଧିଗ୍ରହଣ କରି ଘେରାଇବା ଆବଶ୍ୟକ ଅଛି ବୋଲି ଭାବି ଦୋକାନ ସାମନାରେ ସଡ଼କ ଉପରେ ଆଖିପ୍ରେମ ଦ୍ରବ୍ୟ ରଖୁ। ଲୋକମାନଙ୍କୁ ଯାତାୟତ କରିବାର କଷ୍ଟ ପାଇଁ ଆମକୁ କୌଣସି ବ୍ୟକ୍ତି ଦୋଷ ଦେଇପାରିବ ନାହିଁ। କାରଣ ଆମେ ସ୍ୱାଧୀନ।

କେହି ଜଣେ ସ୍ୱାଧୀନତାର ପକ୍ଷବାଦୀ କହିଲେ, ଆମର ସ୍ୱାଧୀନତା ସମାପ୍ତ ହୋଇଯାଏ ସେଇଠି ଯେଉଁଠି ଅନ୍ୟମାନେ କଷ୍ଟ ଅନୁଭବ କରନ୍ତି। ମାତ୍ର ଆମେ ଆମର ସ୍ୱାଧୀନତାକୁ ଉପଯୋଗ କେବଳ ଅନ୍ୟକୁ କଷ୍ଟ ଦେବାପାଇଁ କରୁଛୁ। ଘରେ ଟି.ଭି. ରେଡ଼ିଓ ପୂରା ଆବାଜ୍‌ରେ ବଜାଇବାରେ ଗୋଟେ ଅଦ୍ଭୁତ ମଜା ଆସିଥାଏ। କାରଣ ପଡ଼ୋଶୀ ଏହି ଶବ୍ଦ ଶୁଣି ବିବ୍ରତ ହୋଇଯାଉ, ନିଦ୍ରାଦେବୀ ତାଙ୍କର ପାଖ ନପଶୁ। ଏଥିପାଇଁ ଆମର ଧର୍ମ ବି ମଞ୍ଜୁରି ଦେଇଥାଏ। ମନ୍ଦିର, ମସ୍‌ଜିଦ୍ ଏବଂ ଗୁରୁଦ୍ୱାରରେ ବାଜୁଥିବା ଲାଉଡ଼ସ୍ପିକର ଆମକୁ ସ୍ୱର୍ଗଲୋକକୁ ଟିକେଟ୍ କାଟିବା ପାଇଁ ସମ୍ପୂର୍ଣ୍ଣ ସୁବିଧା ପ୍ରଦାନ କରିଛି। ସମ୍ଭବତଃ ସମଗ୍ର ବିଶ୍ୱରେ ଏମିତି କୌଣସି ଦେଶ ନାହିଁ, ଯେଉଁଠି ଆମ ଦେଶ ଭଳି ସବୁ କିଛି କରିବାର ସ୍ୱାଧୀନତା ପ୍ରଦାନ କରିଛି। ଆମର ସ୍ୱାଧୀନତା ଉପରେ ଏକ ଚାରି ଧାଡ଼ିର କବିତା ମୋ ତରଫରୁ ... କେମିତି ଆମେ ସ୍ୱାଧୀନତାର ମନ୍ତ୍ର ପଢ଼ୁ। କେମିତି ଆମେ ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ସୃଷ୍ଟି କରିଚାଲିଛୁ - ଏଇଠି - ଏଇ ମାଟିରେ...

କିଏ ସେ କହିବ କାହିଁକି କହିବ
ଏଡ଼େ ବହପ ତା'ର !
ମୋ ଇଚ୍ଛାର ମୁହିଁତ ସମ୍ରାଟ୍
କାହାକୁ ନାହିଁ ମୋ ଡର।

ସ୍ୱାଧୀନ ଭାରତ ଲଡୁ ଖାଉଅଛି
ସ୍ୱାଦ ତା'ର ଚାଖି ଚାଖି
ମୋ କାମରେ କେବେ ଦେଖାଅନି ତମେ
ତୁମର ସେ ନାଲି ଆଖି ॥

ପଶୁପକ୍ଷୀଠାରୁ ସବୁଜ କାନ୍ତାର
ସ୍ୱାଧୀନ ସଭିଏଁ ଏଠି
ମଣିଷକି ଛାର ଭାବିଅଛ ତମେ
ଖଟୁଥିବ ନିତି ବେଠି ?

ପାନ ଗୁଟ୍‌ଖା ଖାଇ ଥୁକୁଥିବି ମୁହିଁ
ସ୍ୱାଧୀନ ମନଟେ ନେଇ
କିଏ ଦେଖାଇବ ମରଦପଣିଆ
ମୋ କାମକୁ ବାଧା ଦେଇ ?

ଦେଶ ଧନ ଖୋଲ କରୁଥିବି ନିତି
ସ୍ୱାଧୀନ ମନ୍ତ୍ର ପଢ଼ି
ରହିବ ଯଦିବା ରୁହ ଏଇଦେଶେ
ନହେଲେ ପଳାଅ ଛାଡ଼ି ॥

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୧୭୯



# ॥ ନାଁ ଟି ତାର ସାସ୍ମା-୧ ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

> ସେ ଛୁଆର କାନ୍ଦଶୁଣି ଜାଣିପାରିଲା ଏବଂ ସଙ୍ଗେ ସଙ୍ଗେ ପଚାରିଲା, "ମ୍ୟାଡ଼ାମ୍ ମୋର କ'ଣ ହେଇଛି ? ପ୍ରଭୁ ଝିଅଟିଏ ହୋଇଥାଉ ।" ମୁଁ ସଙ୍ଗେ ସଙ୍ଗେ କହିଲି "ଏଲିନା', ତୁମର ସୁନ୍ଦର ଝିଅଟିଏ ଜନ୍ମ ହୋଇଛି', ବାସ୍ ସେ ଖୁସିରେ ଉଚ୍ଛୁଳି ପଡ଼ିଲା । ଠାକୁରଙ୍କୁ ନମସ୍କାର କରି ମୋ ଉପରେ 'ଥ୍ୟାଙ୍କସ୍'ର ଅସରନ୍ତି ଝରଣାଟିଏ ଝରେଇ ଦେଲା ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅନନ୍ୟ ଭଙ୍ଗୀରେ ଛାୟା କଳ୍ପଟିଏ ନିର୍ମାଣ ହୋଇଯାଏ ଏବଂ ସଙ୍ଗେ ସଙ୍ଗେ ଜୀବନ୍ୟାସ ପାଇ ସେ ମୋ ସାମ୍ନାରେ ଆସି ଉଭା ହୋଇଯାଏ, ତା' ପରେ ମତେ ଅପୂର୍ବ ଭଙ୍ଗୀରେ ଅଳି କରି କହିଥାଏ "ଦେଇ ଦେ ମତେ ଜୀବନ୍ୟାସ, ଦେଇ ଦେ ମତେ ରୂପକଳ୍ପ, ନିହାଣ ଓ ହାତୁଡି ମୁନରେ ଗଢ଼ି ଦେ' ମୋର ଅନନ୍ୟ ମୂର୍ତ୍ତି ଏବଂ ପୃଥିବୀକୁ ଅର୍ପଣ କରିଦେ ଏ ଅକ୍ଷୟ ଚାରୁକଳା ।

ମୋର ଡାକ୍ତରୀ ଜୀବନର ଆରମ୍ଭରୁ ଦେଖି ଆସିଛି, ମୁଁ ପରୀକ୍ଷା କରୁଥିବା ଅଧିକାଂଶ ରୋଗୀଙ୍କ ସାଙ୍ଗରେ ଏକ ସୁନ୍ଦର ସଂପର୍କର ସେତୁଟିଏ ଗଢ଼ି ହୋଇଯାଇଛି । ଡେଲିଭରି ପରେ ଡିସ୍‌ଚାର୍ଜ ହେଲାବେଳକୁ ଅଧିକାଂଶ ରୋଗୀ ମତେ ଅନୁରୋଧ କରିଥା'ନ୍ତି ନବଜାତ ଶିଶୁର ନାମକରଣ ପାଇଁ । ମ୍ୟାଡ଼ାମ୍ ଆପଣ ଲେଖାଲେଖି କରନ୍ତି, ତେଣୁ ସୁନ୍ଦର ନାଁ' ଟିଏ ଦେବେ ।" ମୁଁ ସଙ୍ଗେ ସଙ୍ଗେ କହିଥାଏ "ଦେଖ, ପିଲାଟିଏ ହେଲାପରେ ନାଁ ଦେବାର ଅଧିକାର ସଂପୂର୍ଣ୍ଣ ଭାବେ ବାପା', ମା' ଏବଂ ଗୁରୁଜନମାନଙ୍କର ଅଧିକାର । ମୁଁ କାହିଁକି ସେ ନାମକରଣ କରିବାର ଅଧିକାର ନିଜ ହାତକୁ ନେବି ।

ବିଶେଷ ଭାବରେ ବାପା, ମା' ଗର୍ଭସଂଚାର ହେବା ପରଠାରୁ, ପୁଅ ବା ଝିଅର ଗେହ୍ଲା ନାଁଟିଏ ଭାବିଥାନ୍ତି । ତେଣୁ ଏଥିରେ ମୁଁ ନାଁ ଦେବା ଠିକ୍ ହେବନି । କିନ୍ତୁ ବେଳେବେଳେ ସେମାନଙ୍କର ବିଶେଷ ଅନୁରୋଧ ଏଡ଼ାଇ ଦେଇନପାରି, ସୁନ୍ଦର ନାଁଟିଏ ବାଛିଥାଏ ଓ ସେମାନେ ମଧ୍ୟ ତାକୁ ଗଣ୍ଠିମାଳ କରି ରଖିଥାନ୍ତି । ଜଣେ ଜଣେ ତ ଏତେ ଖୁସି ହୋଇଯାନ୍ତି ଯେ, ନିଜ ଝିଅର ନାଁ ମୋ ନାଁ ଅନୁସାରେ 'ସରୋଜିନୀ' ବୋଲି ଦେଇ ଦିଅନ୍ତି । ମୁଁ ବ୍ୟସ୍ତ ହୋଇପଡ଼େ ଓ କହେ ହେ ଭଗବାନ; ଏତେ ପୁରୁଣାକାଳିଆ ନାଁଟିଏ କାହିଁକି ବାଛିଲ !!" କିନ୍ତୁ ସେମାନେ ହସିଦେଇ କହନ୍ତି- ଆମ ଝିଅର ନାଁ ସରୋଜିନୀ ହିଁ ରହିବ, କାରଣ ବଡ଼ ହେଲେ ସେ ଆପଣଙ୍କ ଭଳି ଡାକ୍ତରାଣୀଟିଏ ହେବ ।

ଆଉ ଜଣେ ଆଧ୍ୟାପିକା ସ୍ୱାଗତିକା (ଛଦ୍ମନାମ) ମୋ ପାଖକୁ ଆଣ୍ଟିନାଟାଲ୍ ଚେକ୍‌ଅପ୍ ପାଇଁ ଆସୁଥିଲେ । ତା'ର ଦ୍ୱିତୀୟ ଝିଅଟି ହେଲାପରେ ସେ ଓ ତାଙ୍କ ଘରର ସମସ୍ତେ ଖୁବ୍ କାନ୍ଦିଥିଲେ ଓ ଦୁଃଖରେ ଭାଙ୍ଗିପଡ଼ିଥିଲେ । ଶେଷରେ ସ୍ୱାଗତିକା କହିଲେ ମ୍ୟାଡ଼ାମ ମୋ ଝିଅର ଭଲ ନାଁଟିଏ ଦିଅନ୍ତୁ ।" ଫଟ୍ କରି ମୋ ମୁହଁରୁ ବାହାରିପଡ଼ିଲା 'ଗାର୍ଗୀ' ! ଝିଅର ନାଁ ଗାର୍ଗୀ ହିଁ ଦେବ, ସେ ସେମିତି ବୈଦିକ ଯୁଗର 'ଗାର୍ଗୀ ଓ ମୈତ୍ରେୟୀ ଭଳି ଖୁବ୍ ପାଠ ପଢ଼ି ଜ୍ଞାନ ଅର୍ଜନ କରିବ, ଗୁଣବତୀ ଓ ବିଦ୍ୟାବତୀ ହେବ । ପାଠରେ ଓ ବିଦ୍ୟାରେ ସମସ୍ତଙ୍କୁ ଟପିଯାଇ ବହୁତ ନାଁ କରିବ।" ସତକୁ ସତ ଝିଅଟି ଯେତେବେଳେ କ୍ଲାସ୍ ନାଇନ୍‌ଥରେ ପଢୁଥିଲା ସ୍ୱାଗତିକା ତାକୁ ମୋ ପାଖକୁ ନେଇ ଆସିଥିଲେ । "ମ୍ୟାଡାମ୍ 'ଗାର୍ଗୀ' ବହୁତ ଭଲ ପାଠପଢୁଛି, ତାକୁ ଆଶୀର୍ବାଦ କରନ୍ତୁ ।"ମୁଁ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ବେଶ୍ ଡେଙ୍ଗା ହୋଇ ଶ୍ୟାମଳ ବର୍ଣ୍ଣର ସୁନ୍ଦର ଝିଅଟିଏ, ଭଲ ପାଠପଢୁଛି ଏବଂ ମୁହଁରେ ଆତ୍ମବିଶ୍ୱାସର ସୁସ୍ପଷ୍ଟ ଛାପ ଭରି ରହିଛି । ତା'ପରେ 'ସ୍ୱାଗତିକା' ମୋ ପାଖକୁ ଅନେକ ରୋଗୀ ନେଇ ଆସିଛି ଏବଂ ସମସ୍ତେ ପ୍ରାୟ ଭଲ ହୋଇ ଫେରିଛନ୍ତି । ଏବେ ମଧ ମୋ ଉପରେ ତା'ର ସେ ଅଖଣ୍ଡ ବିଶ୍ୱାସ ଅକ୍ଷୁର୍ଣ୍ଣ ରହିଛି ।

ଆଉ ଗୋଟିଏ ଝିଅ ଏଲିନା- ଅଳ୍ପ ବୟସରେ ବାହାଘର ଏବଂ ସଙ୍ଗେ ସଙ୍ଗେ ଗର୍ଭଧାରଣ । ମୋ ପାଖରେ ନିୟମିତ ଚେକ୍ ଅପ୍ କରାଉଥିଲା । ହଠାତ୍ ପାଣି ଚାଲିଯିବାରୁ ଆସି ଆଡ଼ମିସନ୍ ନେଲା ଏବଂ ତା'ର ସିଜରିଆନ୍ ହେଲା । ସୁନ୍ଦର ପୁଅଟିଏ ଜନ୍ମହେଲା । ଖୁବ୍ ଖୁସି ହୋଇ ଏଲିନା ଓ ତା' ପରିବାର ପୁଅଟିକୁ ନେଇଗଲେ । କିନ୍ତୁ ଯେତେବେଳେ ସେ ଦ୍ୱିତୀୟ ଥର ଗର୍ଭଧାରଣ କଲା, ମୋ ପାଖରେ ଆସି ଚେକ୍‌ଅପ୍ କରାଇଲା । ଇତି ମଧ୍ୟରେ ଗୋଟିଏ ବ୍ୟକ୍ତିଗତ ସଂପର୍କ ତା ସାଙ୍ଗରେ ଗଢ଼ିଉଠିଥିଲା । ମତେ ସେ ଡାକ୍ତରାଣୀ ହିସାବରେ ଯେତିକି ସମ୍ମାନ କରୁଥିଲା, ମା' ହିସାବରେ ସେତିକି ମାନୁଥିଲା । ଶେଷକୁ ନିର୍ଦ୍ଧାରିତ ତାରିଖରେ ତାର ଆଡ଼ମିସନ୍ କଲି ଓ ଆଗରୁ ସିଜରିଆନ୍ ହୋଇଥିବାରୁ ଓ ତା' ସାଙ୍ଗରେ ଅନ୍ୟ ଜଟିଳତା ଥିବାରୁ ତା'ର ପୁଣିଥରେ ସିଜରିଆନ୍ ସେକ୍‌ସନ୍ କରିବାକୁ ବାଧ ହୋଇଥିଲି । ସିଜରିଆନ୍ ଅପରେସନ୍ ବେଳେ ନିଶ୍ଚେତକ ବିଶେଷଜ୍ଞ ମାନେ ପ୍ରାୟ ଅଣ୍ଟାରେ ସ୍ପାଇନାଲ୍ ଆନାସ୍ଥେସିଆ ଦେଇଥାନ୍ତି । ସେଥିରେ ଅଣ୍ଟାରୁ ଆରମ୍ଭ କରି ପେଟ ଓ ଦୁଇଟିଯାକ ଗୋଡ଼ ବଧିର ହୋଇଯାଇଥାଏ କିନ୍ତୁ ଚେତନା ଶକ୍ତି ଥାଏ, ରୋଗୀ ପ୍ରାୟ ସବୁ ଜିନିଷ ଜାଣିପାରେ । ତେଣୁ ସେ ଛୁଆର କାନ୍ଦଶୁଣି ଜାଣିପାରିଲା ଏବଂ ସଙ୍ଗେ ସଙ୍ଗେ ପଚାରିଲା, "ମ୍ୟାଡ଼ାମ୍ ମୋର କ'ଣ ହେଇଛି ? ପ୍ରଭୁ ଝିଅଟିଏ ହୋଇଥାଉ ।" ମୁଁ ସଙ୍ଗେ ସଙ୍ଗେ କହିଲି "ଏଲିନା', ତୁମର ସୁନ୍ଦର ଝିଅଟିଏ ଜନ୍ମ ହୋଇଛି', ବାସ୍ ସେ ଖୁସିରେ ଉଚ୍ଛୁଳି ପଡ଼ିଲା । ଠାକୁରଙ୍କୁ ନମସ୍କାର କରି ମୋ ଉପରେ 'ଥ୍ୟାଙ୍କସ୍'ର ଅସରନ୍ତି ଝରଣାଟିଏ ଝରେଇ ଦେଲା । ଝିଅଟିଏ ପାଇଁ କିଏ ଏତେ ଖୁସି ହୁଏ, ମୁଁ ଦେଖି ନ ଥିଲି । ସେ ପ୍ରକୃତରେ ଚାହୁଁଥିଲା ତା'ର ଝିଅଟିଏ ହେଉବୋଲି ।

ତା'ର ଅପରେସନ୍‌ର ୭ ଦିନ ଯାଏଁ ସେ ଭୁଲିଯାଇଥିଲା ଅପରେସନ୍ କଷ୍ଟ । କେବଳ ଝିଅଟିର ହିଁ ଯତ୍ନ ନେଉଥିଲା । ଯିବା ଆଗରୁ ମୋତେ ଅନୁରୋଧ କଲା " ଆପଣ ମୋ ଝିଅ ପାଇଁ ଭଲ ନାଁଟିଏ ଦେବେ । ମୁଁ ତାକୁ ସେଇ ନାଁରେ ଡାକିବି ଓ ସେଇ ନାଁ ନେଇ ସ୍କୁଲରେ ନାମ ଲେଖାଇବ ।" ହଠାତ୍ ମୋ ମୁହଁରୁ ବାହାରିଲା - ଏଲିନା, ତୁମ ଝିଅ ନାଁ ହେଲା 'ସାସ୍ମା' / ତା' ଦେହରୁ ବାହାରିବ ବାସ୍ନାକୁ କରିବନି କେବେ ଅସ୍ନା । ସମସ୍ତେ ହସି ହସି ଗଡ଼ିଗଲେ । ସେ ସତକୁ ସତ ତା ଝିଅର ନାଁ ଦେଲା 'ସାସ୍ମା', ଖୁବ୍ ଯତ୍ନରେ ନାଚ, ଗୀତ ତାକୁ ଶିଖାଇଲା, ପାଠ, ଶାଠ ଓ ସବୁଥିରେ ତା ସାଙ୍ଗମାନଙ୍କ ମଧ୍ୟରେ ସେ ଶୀର୍ଷ ସ୍ଥାନ ଅଧିକାର କଲା । ଯେତେବେଳେ ଆସେ କଟକ, ତା' ପୁଅ, ଝିଅଂକୁ କହେ "ତୁମ ମା'ଙ୍କୁ ପ୍ରଣାମ କର" ଓ ମତେ ମଧ କହେ "ମ୍ୟାଡ଼ମ୍ ଦୁହିଁଙ୍କୁ ଆଶୀର୍ବାଦ କରନ୍ତୁ ।" ଏବେ ମଧ ସାସ୍ମା ଯେଉଁଠିକି ଯାଏ, ଗର୍ବର ସହ କହେ, ସରୋଜିନୀ ମ୍ୟାଡ଼ମ୍ ମୋ ନାଁ ଦେଇଛନ୍ତି - 'ସାସ୍ମା'

ଆମ ହସ୍‌ପିଟାଲରେ ସୁଦୂର କାମାକ୍ଷା ନଗରରୁ ଆସି ଅନୀତା ବୋଲି ଝିଅ ଟିଏ (ଏ.ଏନ୍.ଏମ୍) କାମ କରୁଥିଲା । ବହୁବର୍ଷ କାମ କରିବା ପରେ ତା'ର ବିବାହ ହୋଇଥିଲା ଏବଂ ବିବାହ ପରେ ପରେ ଓ ଆମ ପାଖରେ ତାର ଡେଲିଭରି ହେବ ବୋଲି ସ୍ଥିର ହେଲା । ସେ ଆସି ଲେବର୍ ପେନ୍‌ରେ ଆମ ପାଖରେ ପହଞ୍ଚିଲା। ତା' ଶାଶୁ ଶିକ୍ଷିତା ଓ ଗାଁ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ ଓ ଶ୍ୱଶୁର ମଧ୍ୟ ସରପଂଚ ଥିଲେ । ସ୍ୱାମୀଙ୍କ ସହ ଶାଶୁ, ଶ୍ୱଶୁରଙ୍କ ଏକାଜିଦ୍ ଥିଲା ନରମାଲ୍ ଡେଲିଭରି ହେବ । ବହୁ ସମୟ ପର୍ଯ୍ୟନ୍ତ ଅପେକ୍ଷା କଲାପରେ ମଧ ନର୍‌ମାଲ ଡେଲିଭରି ହୋଇପାରିଲାନି । ଶେଷରେ ଅଲଟ୍ରାସାଉଣ୍ଡ କରି ଦେଖିଲା ବେଳକୁ ଶିଶୁର ନାଭିନାଡ଼ (ଅମ୍ବିଲିକାଲ କର୍ଡ଼) ବେକ ଚାରିପଟେ ଗୁଡ଼ାଇ ହୋଇ ରହିଛି ।

ବହୁ କଷ୍ଟରେ ସେମାନେ ରାଜିହେଲେ ଏବଂ ସିଜରିଆନ୍ ସେକସନ୍ କଲାବେଳକୁ ଛୁଆର ବେକ ଚାରିପଟେ ଶକ୍ତ ହୋଇ ତିନିଥର ନାଭି ନାଡ଼ ଗୁଡାଇ ହୋଇ ଯାଇଛି । ଆଉ କିଛି ସମୟ ଯାଇଥିଲେ ହୁଏତ ଶିଶୁଟି ବଂଚି ନଥାନ୍ତା । ମୁଁ ତାକୁ କହିଲି "ଦେଖ୍ ତୋ ପୁଅ ଶିବରାତ୍ରି ଦିନ ଶିବ ହୋଇ ବେକରେ ସାପ ଭଳି ଗୁଡ଼ାଇ ହୋଇଥିବା ନାଭିନାଡ଼ ସହ ଜନ୍ମ ନେଇଛି । କେତେ ଭାଗ୍ୟ ତୋର ? ଆଉ କିଛି ସମୟ ଯାଇଥିଲେ ବେବି ବଞ୍ଚି ନଥାନ୍ତା । ୟା ନାଁ ରଖିବୁ ଆଶୁତୋଷ, ଯାହା ଶିବଙ୍କର ଅନ୍ୟନାମ ।" ସଙ୍ଗେ ସଙ୍ଗେ ସେ କହିଲା ମ୍ୟାଡ଼ାମ୍ ଆପଣଙ୍କ ନାଁ ଶିରୋଧାର୍ଯ୍ୟ । ନିଶ୍ଚୟ ମୋ ପୁଅର ନାଁ ଦେବି 'ଆଶୁତୋଷ' ଓ ଡାକିବି 'ଆଶୁ' । (କ୍ରମଶଃ)

## ପତ୍ରିକା ସମୀକ୍ଷା

**ସୁଲେଖା**
(ବାର୍ଷିକ, ଦୁର୍ଗାପୂଜା ଓ ଦୀପାବଳୀ ସଂଖ୍ୟା)
ମୁଖ୍ୟ ସଂପାଦକ
**ଶ୍ରୀ ସଦାଶିବ ମିଶ୍ର**
ବିମାନବଡୁ ସାହି, ଚଟିଆପଡ଼ା ଗଳି
ପୁରୀ-୭୫୨୦୦୧
ମୋ:୯୭୭୮୩୭୬୨୭୩/ ୬୩୭୦୧୭୪୧୯୯
ମୂଲ୍ୟ-୨୨୫ ଟଙ୍କା

ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବୃଦ୍ଧି କରିବା ସହ ସାରସ୍ୱତ ସାଧନାରତ ଶିଳ୍ପୀ ପ୍ରାଣରେ ଉତ୍ସାହ ଓ ପ୍ରେରଣା ଭରି ଦେଉ ଦେଉ ଦୀର୍ଘ ଚାରିଦଶନ୍ଧି ଅତିକ୍ରମ କରିଥିବା ଅନ୍ୟତମ ଅଗ୍ରଣୀ ସାହିତ୍ୟ ପତ୍ରିକା 'ସୁଲେଖା'ର ଦୁର୍ଗାପୂଜା ଓ ଦୀପାବଳୀ ସଂଖ୍ୟା ୨୦୨୦ ଏଥରର ପ୍ରଚ୍ଛଦରେ ଆଣିଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନାଗାର୍ଜୁନ ବେଶ । ସୁଖ ଓ ଦୁଃଖର ଆତ୍ମୀୟତା ଭାରା କଥନରେ ଏହାର ସଂପାଦକ ତଥା ବର୍ଷୀୟାନ୍ ସାରସ୍ୱତ ସଂଗଠକ ସଦାଶିବ ମିଶ୍ର 'ସୁଲେଖା' ପ୍ରକାଶନ ଓ ସଂପାଦନ ପଛର ବହୁ ଘାତ ସଂଘାତମୟ ଅନୁଭୂତି ବାଣ୍ଟିବା ସହ ଓଡ଼ିଆ ଅଗଣିତ ବରିଷ୍ଠ ତଥା ପ୍ରତିଶ୍ରୁତିବଦ୍ଧ ନବୀନ ଲେଖନୀକାରମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଅନ୍ତରରୁ କୃତଜ୍ଞତା ଢାଳିଛନ୍ତି ।

ଜଗନ୍ନାଥଧାମ ଶ୍ରୀକ୍ଷେତ୍ର ବାହୁଡ଼ା ତୀର୍ଥଯାତ୍ରୀ ହାତରେ ଥାଏ ମହାପ୍ରସାଦ । ସମଗ୍ର ବିଶ୍ୱ ପାଇଁ ଅନନ୍ୟ ଆକର୍ଷଣର କ୍ଷେତ୍ର ଶ୍ରୀକ୍ଷେତ୍ରରୁ ପ୍ରକାଶିତ 'ସୁଲେଖା'ର ପ୍ରତିପୃଷ୍ଠାରେ ମଧ ଭରି ରହିଛି ସାରସ୍ୱତ ମହାପ୍ରସାଦର ବାସ୍ନା । ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାର ଚର୍ଚ୍ଚିତ, ଅଣଚର୍ଚ୍ଚିତ ପ୍ରତିଭାଧାରୀ ଲେଖକଙ୍କର ବିବିଧ ମନନଶୀଳତାର ଆଲେଖ୍ୟରେ ଋଦ୍ଧିମନ୍ତ ଏହାର ବୃହତ କଳେବର । ଓଡ଼ିଆ ମାଟିରୁ ବହୁ ସମୃଦ୍ଧ ପତ୍ରିକା କେବଳ ଉଚ୍ଚ ପ୍ରତିଷ୍ଠିତ ଲେଖକମାନଙ୍କ ଲେଖାକୁ ନେଇ ବୌଦ୍ଧିକ ସ୍ତରରେ ସୀମାବଦ୍ଧ ଥିଲାବେଳେ ଆଂଚଳିକ ସ୍ତରର ସାହିତ୍ୟିକମାନଙ୍କୁ ଉପଯୁକ୍ତ ଉତ୍ସାହ ଓ ପ୍ରୋତ୍ସାହନ ଯୋଗାଇବା ଦିଗରେ 'ସୁଲେଖା' ସାହିତ୍ୟ ପତ୍ରିକା ଏବଂ ସାହିତ୍ୟ ମଞ୍ଚ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟକରି ଚାଲି ଥିବାରୁ ଧନ୍ୟବାଦାର୍ହ । କରୋନା କଟକଣାରୁ ପଦାକୁ ସୁରକ୍ଷିତ ଆତ୍ମପ୍ରକାଶର ବାଟ ଖୋଜୁଥିବା ଆତଂକିତ ମାନବ ସମାଜ ପାଇଁ ବିଗତ ଦିନର ଶାରଦୀୟ ପତ୍ରିକା ବଜାରରେ ମଧ ଏହାର ପ୍ରଭାବ ଅନୁଭୂତ । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ମଣିଷକୁ ମଣିଷ ସହ ସାରସ୍ୱତ ସଂପର୍କରେ ଯୋଡ଼ିବାର କଷ୍ଟ ସ୍ୱୀକାର କରିଥିବା ପତ୍ରିପତ୍ରିକା ଗୁଡ଼ିକ ମଧ୍ୟରୁ 'ସୁଲେଖା' ତାର ନିଜସ୍ୱ ଯାତ୍ରାପଥକୁ ବଜାୟ ରଖି ପ୍ରତିବର୍ଷ ପରି ଏ ବର୍ଷ ମଧ ଦୁର୍ଗାପୂଜା ଏବଂ ଦୀପାବଳୀ ସଂଖ୍ୟା-୨୦୨୦ ଭେଟି ଦେଇଛି ଯଥାରୀତି ଗଳ୍ପ, କବିତା, ପ୍ରବନ୍ଧ, ମତାମତ ଆଦି ବିବିଧ ବିଭାଗକୁ ଧାରଣ କରି ।

ଦୁର୍ଗାପୂଜାର ତୋରଣ ଏବଂ କାଳୀପୂଜାର ବାଣ ଫିକା ପଡ଼ିଛି କୋଭିଡ୍ କଟକଣାରେ । ସାମାଜିକ ଦୂରତା ବଢ଼ିଥିଲେ ବି ଆତ୍ମୀକ ସହବନ୍ଧନରେ ସାହିତ୍ୟ ସାହିତ୍ୟ ସହ ବିବନ୍ଧିତ । ସାହିତ୍ୟ ମଞ୍ଚରେ ପ୍ରତିଭାମାନଙ୍କର ମହାସଂଗମ କରାଇଥାଏ 'ସୁଲେଖା ମଞ୍ଚ' । ଶବ୍ଦର ଏହି ଶଂଖନାଭି ମଣ୍ଡଳରେ ସହରଠାରୁ ନଗ୍ର, ପୁର ଓ ପଲ୍ଲୀର ସହସ୍ରାଧିକ ସାହିତ୍ୟିକ ଏକାଠି ହୁଅନ୍ତି । ସାରସ୍ୱତ ମହାକୁମ୍ଭର ଆୟୋଜକ ଏଥର ସଂପାଦକୀୟ ଫର୍ଦ୍ଦରେ 'ପତ୍ରିକା' ପକ୍ଷରୁ ଦିବଗଂତ ବହୁ ସାରସ୍ୱତ ସାଧକ ଏବଂ ସାରସ୍ୱତ ଶୁଭେଚ୍ଛୁ ମାନଙ୍କ ଉଦ୍ଦେଶ୍ୟରେ କରିଛନ୍ତି ଅଶ୍ରୁତର୍ପଣ ।

ସାମାଜିକ ଅସ୍ଥିରତା, ଭୂତାଣୁ ଭୟରେ ଜୀବନଯାତ୍ରା ଓ ଶୈଳୀରେ ଆସିଥିବା ଭୟଙ୍କର ସ୍ଥାଣୁତାକୁ ଅତିକ୍ରମ କରି ଭୂତାଣୁ ନିରୋଧକ ଶକ୍ତି ଏବଂ ଶରୀରକୁ ନେଇ ପୁଣିଥରେ ଜୀବନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ଚେଷ୍ଟା ଚଳାଇଛି ମଣିଷ । ଏହି ପରିସ୍ଥିତିରେ ସାହିତ୍ୟ ପରି ଏକ ଅଣ ବ୍ୟବସାୟିକ ପ୍ରକ୍ରିୟା ପ୍ରତି ଦୃତଗତିରେ ବହୁକର୍ମକୁ ଏକାସମୟ ସଂପାଦନ କରିବାର ଦୌଡ଼ରେ ଧଇଁସଇଁ ମଣିଷମାନଙ୍କ ପାଇଁ ଅଛି ଏକ ଅଭାବନୀୟ ତାସଲ୍ୟ । କିନ୍ତୁ କହିବା ଅନାବଶ୍ୟକ, ଆଜିର ଯାନ୍ତ୍ରିକ ଯୁଗର ରୋଗ, ଶୋକ, ନିସଙ୍ଗତା, ସଂପର୍କହୀନତାର କଷ୍ଟସାଧ ଜୀବନ ଭିତରେ ମଣିଷକୁ ପ୍ରତିନିୟତ ସାହିତ୍ୟ ମନେ ପକାଇ ଦେଉଛି ବଞ୍ଚିବାର ଅମୃତପଥକୁ ।

'ସୁଲେଖା' ପତ୍ରିକାର ଦୁଇଗୋଟି ବିଶେଷ ଦିଗ ଲକ୍ଷ୍ୟ କରାଯାଏ । ପ୍ରଥମତଃ, ଓଡ଼ିଶାର କୋଣ ଅନୁକୋଣରୁ ସଂବର୍ଦ୍ଧିତ ପ୍ରତିଭାଗଣଙ୍କର ତାଲିକା ଏବଂ ଏହାସହ ପ୍ରତିଭାଧାରୀ କଲମ ମାନଙ୍କର ଲେଖନୀର ବଳିଷ୍ଠ ବର୍ଣ୍ଣା ସଂବଳିତ ଆଲେଖ୍ୟ । ସାହିତ୍ୟ ଐକିକ ସାଧନା ହେଲେ ମଧ ତା'ର ପ୍ରଚାର, ପ୍ରସାର, ଗ୍ରହଣୀୟତା ଓ ପାଠକ ନିକଟବର୍ତ୍ତୀ କରାଇବାର ଗୁରୁ ଦାୟିତ୍ୱ ଦେଇଥାଏ ପତ୍ରିକା । ସେହି ଦୃଷ୍ଟିରୁ ବହୁ ସ୍ରଷ୍ଟାଙ୍କୁ ଏକତ୍ର ଗୋଟିଏ ପତ୍ରିକାର ମଲାଟ ଭିତରେ ସଜାଇ ରଖିବା ମଧ ସୃଜନଶୀଳ ପ୍ରତିଭାର ଆଉ





ଏକ ଅନନ୍ୟ ଦିଗ । ଏହି ଦିଗରେ ସୁସଂପାଦିତ ସୁଲେଖା ଏହାର ଲେଖାଲେଖି ଗୁଡ଼ିକୁ ନେଇ ଯେତିକି ଶୋଭନୀୟ, ତତୋଧିକ ଶୋଭନୀୟ ବହୁ ଅଗ୍ରଗଣ୍ୟ ପ୍ରତିଭା ମାନଙ୍କଠାରୁ ଆରମ୍ଭ କରି ବଣମଲ୍ଲି ପରି ଆଲୋଚନା ପର୍ଯ୍ୟାଲୋଚନା, ପ୍ରକାଶନ, ପୁରସ୍କାର, ଚର୍ଚ୍ଚା ଇତ୍ୟାଦିର ଅନ୍ତରାଳରେ ରହିଯାଉଥିବା ଆଞ୍ଚଳିକ ପ୍ରତିଭାମାନଙ୍କର ସୁବିସ୍ତୃତ ତାଲିକାରେ ।

ସଂଖ୍ୟାଟିର ଗଳ୍ପବିଭାଗକୁ ଏଥର ବିଭାମଣ୍ଡିତ କରିଛନ୍ତି ଡଃ. ଶକୁନ୍ତଳା ବଳିଆର ସିଂ, ସୁବିଦ୍ୟା ଦେବୀ, ଦେବେନ୍ଦ୍ର ନାଥ ଦାଶ, ସୁନୀଲ ରଥ, ରବିନ୍ଦ୍ର ନାଥ ପଟ୍ଟନାୟକ, ବଦ୍ରି ମିଶ୍ର, ଡଃ. ପ୍ରତିଭା ମହାରଥୀ, ଆଭାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ସୁନନ୍ଦା ମହାନ୍ତି, ରେଣୁବାଳା ନାୟକ, ଇଂ ଅନୀଲ ଆଚାର୍ଯ୍ୟ, ସୌମ୍ୟ ଶାଶ୍ୱତ ଚାନ୍ଦ, ଡଃ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଗୋଲାପ ମଞ୍ଜରୀ କରଙ୍କ ଠାରୁ ବର୍ଷୀୟାନ ଲେଖିକା ଗାୟତ୍ରୀ ସରାଫ ପର୍ଯ୍ୟନ୍ତ ଓଡ଼ିଶାର ବହୁ ଚର୍ଚ୍ଚିତ ଏବଂ ଅଣଚର୍ଚ୍ଚିତ ଗାଳ୍ପିକ ଏବଂ ଗାଳ୍ପିକାବୃନ୍ଦ । ପ୍ରବନ୍ଧ ବିଭାଗରେ ପାଠକ ଭେଟିବେ ଡଃ. ଭାସ୍କର ମିଶ୍ର, ଡଃ. ଅନ୍ତର୍ଯ୍ୟାମୀ ମିଶ୍ର, ଡଃ. ତ୍ରିନାଥ ପଟ୍ଟନାୟକ, ଡଃ. ପୂର୍ଣ୍ଣଚନ୍ଦ୍ର ମିଶ୍ର, ଡଃ.ରଶ୍ମିରଞ୍ଜନ ମହାନ୍ତି, ଡଃ. ସୁରେନ୍ଦ୍ର କୁମାର ମିଶ୍ର, ଡଃ. ନରେଶ ଚନ୍ଦ୍ର ଦାଶ, ଡଃ. ସୁଧାକର ଦାସ, ମନମୋହନ ଆଚାର୍ଯ୍ୟ, ଗୀତା ମିଶ୍ର, ପ୍ରମୋଦା ଦେବୀ, ରଞ୍ଜିତା ମହାନ୍ତି, ଅନ୍ନପୂର୍ଣ୍ଣା ଦେବୀ, ଡଃ. ସୁଚେତା ରାଉତ, ରାସବିହାରୀ ବେହେରା, ଡଃ. ସଦାନନ୍ଦ ପରିଡ଼ା, ସରଳା ପତ୍ରୀ, ବନଲତା ମିଶ୍ର, ଡଃ. ପ୍ରଦୀପ କୁମାର ମିଶ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଡଃ. ନିର୍ମଳା କୁମାର ମହାପାତ୍ର, ଲିଂଗରାଜ ଦାଶ, ରଘୁନାଥ ମହାପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ଗୋଲାପ ନନ୍ଦ, ଆଶାଲତା ଦାଶ, ଅଂଶୀକ ପ୍ରିୟଦର୍ଶୀ, ପ୍ରଭାତ କୁମାର ନନ୍ଦ ଏବଂ ସତ୍ୟନାରାୟଣ ମିଶ୍ର ପ୍ରମୁଖ ବହୁ ପ୍ରାବନ୍ଧିକଙ୍କର ଯୁକ୍ତିନିଷ୍ଠ, ବସ୍ତୁନିଷ୍ଠ, ବିଷୟନିଷ୍ଠ, ତତ୍ତ୍ୱନିଷ୍ଠ ଆଲୋଚନା ସମୂହ ।

'ସୁଲେଖା' ପତ୍ରିକାଟିର ଏହି ସଂଖ୍ୟାର ସିଂହଭାଗ ଅଧିକୃତ ହୋଇଛି କବିତା ଆଲେଖ୍ୟ ମାନଙ୍କରେ । ତାହା ବି ପୁଣି ଆରମ୍ଭ ହୋଇଛି ଓଡ଼ିଶା ମାଟିର ବରେଣ୍ୟ କବି ହରିହର ମିଶ୍ରଙ୍କ କବିତା 'ଚନ୍ଦ୍ରଯାନ-୦୨'ରୁ । ଅନ୍ୟମାନଙ୍କ ମଧ୍ୟରୁ ଡଃ. ଶୁଭେନ୍ଦ୍ର ମୁଣ୍ଡ, ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରଫେସର ଉପେନ୍ଦ୍ର ନାୟକ, ଡଃ. ହରିଶଙ୍କର ବଡ଼ପଣ୍ଡା, ନୀଳମଣି ପରିଡ଼ା, ସୌଭାଗ୍ୟବନ୍ତ ମହାରଣା, ଡଃ. ରାଜକିଶୋର ପାଢୀ, ଡଃ. ଦୁର୍ଯ୍ୟୋଧନ ଦାସ, ଡଃ. ଶ୍ରୀହରି ଧଳ, ମୀନକେତନ ଦାସ, ରକ୍ଷକ ନାୟକ, ବସିରନ ବିବି, ଗୌରାଙ୍ଗ ଚନ୍ଦ୍ର ଦାଶ ପ୍ରମୁଖଙ୍କର କବିତା ପ୍ରଥମ ଭାଗରେ ପ୍ରକାଶ ପାଇଥିଲାବେଳେ କବିତା ଦ୍ୱିତୀୟଭାଗରେ ସାରଙ୍ଗଧର ଇନ୍ଦ୍ରଜିତ, ଇନ୍ଦ୍ରମଣି ନାୟକ, ମଞ୍ଜୁଶ୍ରୀ ମିଶ୍ର, ମନୋରମା ଶତପଥୀ, ଗୋବିନ୍ଦ ଚନ୍ଦ୍ର ଫାରକ, ସରିତା ପାଟସାହାଣୀ, ରଙ୍କନିଧି ସେଠୀ, ତପସ୍ୱିନୀ ବେହେରା, ସର୍ବାଣୀ ଦାସ, ଶୁଭସ୍ମିତା ନାୟକ, ନିବେଦିତା ନାୟକ, ପଦ୍ମାଳୟା ମିଶ୍ର, ଜୟଶ୍ରୀ ଦାଶ, ଉପେନ୍ଦ୍ର ବସ୍ତିଆ ପ୍ରମୁଖଙ୍କର କବିତା ସ୍ଥାନ ପାଇଛି । ଏହା ସହ କବିତା ଶେଷ ଭାଗରେ ଅଛନ୍ତି ସଦାନନ୍ଦ ପାଣିଗ୍ରାହୀ, ବୀଣାପାଣି ମିଶ୍ର, ନିତ୍ୟାନନ୍ଦ ନାୟକ, ଯୋଗେନ୍ଦ୍ର ନାଥ ସାହୁ, ଟୁଟୁବାବୁ ପଟ୍ଟନାୟକ, ସୁଷମା ଲେଂକା, ମନୋଜ ମିଶ୍ର, ଅସୀମା ସାହୁ, ପ୍ରଗତି ତ୍ରିପାଠୀ, ବୃନ୍ଦାବନ ବାଡ଼ତ୍ୟା, ଇଂ ଲକ୍ଷ୍ମୀନୃସିଂହ ରଥ, ଶକୁନ୍ତଳା ଓଝା ପ୍ରମୁଖ ବହୁ ପ୍ରତିଶୃତିବଦ୍ଧ କବି ଏବଂ ସେମାନଙ୍କର ମନୋଜ୍ଞ କବିତାମାନ । ସାହିତ୍ୟାଶ୍ରୟୀ ବ୍ୟକ୍ତି ବିଶେଷ ହୁଅନ୍ତୁ ଅଥବା ପତ୍ରିକାକାର ହୁଅନ୍ତୁ, ଯାନ୍ତ୍ରିକଯୁଗର ଅର୍ଥସର୍ବସ୍ୱ ଏବଂ ଭୋଗ ତଥା ଲାଭସର୍ବସ୍ୱ ଜୀବନ ପାଇଁ ବିକଳ୍ପ ଜୀବନଶୈଳୀ ଖୋଜୁଥିବା ଜଣେ ଜଣେ ସଭ୍ୟତାର ଅଗ୍ରଦୂତ ଚେତନା । ଚେତନା ଏବଂ ଭାତୃମୟ ତଥା ସୌହାର୍ଦ୍ଦ୍ୟମୟ, ଜୀବନଯାତ୍ରାର ପଥ-ସାହିତ୍ୟ, ତୀର୍ଥ-ସାରସ୍ୱତ ଶ୍ରୀକ୍ଷେତ୍ର, ପାଥେୟ-ସାରସ୍ୱତ ସଂବେଗ, ଆଭିମୁଖ୍ୟ- ସୁସ୍ଥ ସୁନ୍ଦର ସଦାବସ୍ଥାନ, ଯୋଗ୍ୟତା- ବିଶ୍ୱସଂପର୍କ ନିର୍ମାଣ, ଆର୍ଶୀବାଦ- ପ୍ରଭୁ ଶ୍ରୀ ଜଗନ୍ନାଥ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ୧୨ରେ ଶ୍ରୀ ଜଗନ୍ନାଥ ମହୋତ୍ସବ

ଭୁବନେଶ୍ୱର,୦୯।୦୧ (ନି.ପ୍ର): ଓଡ଼ିଶା ଇଂଟରନ୍ୟାସନାଲ୍ ସେଂଟର ପକ୍ଷର ମହାପ୍ରଭୁ ଜଗନ୍ନାଥଙ୍କ ମହିମା ବିଶ୍ୱବ୍ୟାପୀ ପ୍ରଚାର କରିବା ପାଇଁ ଆଗାମୀ ୧୨ ଜାନୁଆରୀ ସ୍ୱାମୀ ବିବେକାନନ୍ଦଙ୍କର ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଶ୍ରୀ ଜଗନ୍ନାଥ ମହୋତ୍ସବ ଯୋଜନାର ଶୁଭାରମ୍ଭ କରାଯିବ। ସ୍ଥାନୀୟ ବ୍ଲାଇଣ୍ଡ ଆସୋସିଏସନ୍ ପ୍ରେକ୍ଷାଳୟରେ ଶ୍ରୀ ଜଗନ୍ନାଥ ମନ୍ଦିର ଛତିଶା ନିଯୋଗର ନାୟକ (ସଭାପତି) ଶ୍ରୀ ପାଟଯୋଶୀ ଜନାର୍ଦ୍ଦନ ମହାପାତ୍ର ଉଦ୍‌ଘାଟନ କରିବେ । ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଆଡ୍‌ଭୋକେଟ୍ ସୂର୍ଯ୍ୟନାରାୟଣ ଦାସ ଓ ବିଶିଷ୍ଟ ହୋଟେଲ୍ ଶିଳ୍ପପତି ରାଜକିଶୋର ପାତ୍ର ,ଏ.ଆଇ.ଆଇ.ଏମ୍.ଏସ୍.ର ପୂର୍ବତନ ନିର୍ଦ୍ଦେଶକ (ଡକ୍ଟର) ଅଶୋକ ମହାପାତ୍ର ପ୍ରମୁଖ ଯୋଗ ଦେବେ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଇଂଟରନ୍ୟାସନାଲ୍ ସେଂଟରର ଅଧ୍ୟକ୍ଷ ଶ୍ରୀ ପରେଶ ନାୟକ ଓ ବିଶିଷ୍ଟ ସମାଜସେବୀ ଉଦ୍ୟୋଗପତି ଶ୍ରୀ ବିଭୂତି ଭୂଷଣ କର ଏହି ସୂଚନା ଦେଇଛନ୍ତି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପାଂଚଟି ସହଜ ଶ୍ଳୋକ ଭାରତର ସବୁ ଭାଷା ତଥା ବିଶ୍ୱର ପ୍ରମୁଖ ଭାଷାରେ ଅନୁବାଦ କରାଯାଇ ବଂଟନ କରାଯିବ। ବିଶ୍ୱରେ ଯେଉଁ ଯେଉଁ ସ୍ଥାନରେ ଶ୍ରୀ ଜଗନ୍ନାଥଙ୍କର ମନ୍ଦିର ଅବସ୍ଥିତ ଅଛି, ସେହିସବୁ ସ୍ଥାନମାନଙ୍କରେ ଗୋଟେ ଗୋଟେ କେନ୍ଦ୍ର ପ୍ରସ୍ତୁତ କରାଯାଇ ଏହି ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରାଯିବ।

# 'ଡିଷ୍ଟାନ୍ସ ଭିଜନ ଇଣ୍ଡିଆ'ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ବାଲେଶ୍ୱର,୦୯।୦୧ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଡିଷ୍ଟାନ୍ସ ଭିଜନ ଇଣ୍ଡିଆ' ପକ୍ଷରୁ ରେମୁଣା ବ୍ଲକ ଅନ୍ତର୍ଗତ ଚଷାଖଣ୍ଡ ପଞ୍ଚାୟତ ଅଞ୍ଚଳର ଗରିବ ଅସହାୟ ଲୋକଙ୍କୁ ଶୀବସ୍ତ୍ର ସମେତ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦାନ କରାଯାଇଛି। ଚଷାଖଣ୍ଡ ଗ୍ରାମର ବାବା ଖଣ୍ଡେଶ୍ୱର ଶୈବପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ଚେୟାରମ୍ୟାନ୍ ପର୍ଶୁରାମ ଘୋଷ ଅଧ୍ୟକ୍ଷତା କରିଥିଲେ। ସଂଗଠନର ସେବାମୂଳକ କାର୍ଯ୍ୟଧାରା ସମ୍ପର୍କରେ ସେ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଏଥିରେ ଯୋଗଦେଇ ସଂଗଠନର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ପାଣିଗ୍ରାହୀ ସାମଗ୍ରୀ ବଣ୍ଟନ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଗରିବ, ଅସହାୟ, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଦୁସ୍ଥ ବ୍ୟକ୍ତିମାନଙ୍କୁ ନବବର୍ଷ ଶୁଭେଚ୍ଛା ଜଣାଇବା ସହିତ କମ୍ବଳ, ମାସ୍କ, ସାନିଟାଇଜର, ଫଳ ପ୍ରଭୃତି ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦ୍ମାବତୀ କୁଣ୍ଡୁ, ସତ୍ୟଶ୍ରୀ ଦାସଙ୍କ ସମେତ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ନାୟକ ପ୍ରମୁଖ ଏଥିରେ ଯୋଗ ଦେଇ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। 'ଡିଷ୍ଟାନ୍ସ ଜିଜନ ଇଣ୍ଡିଆ' ସଂଗଠନର ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି।

# ରାଇବଣିଆ କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟ ସମୂହର ଶିକ୍ଷକମାନଙ୍କ ସ୍ୱାବଟେଷ୍ଟ

ଜଳେଶ୍ୱର, ୯/୧ (ନିପ୍ର) : ରାଜ୍ୟରେ ବିଦ୍ୟାଳୟ ଖୋଲିବା ନେଇ ସରକାର ନିଷ୍ପତ୍ତି ନେବାକୁ ଥିବାରୁ ଆଜି ଶନିବାର ପୂର୍ବାହ୍ନରେ ରାଇବଣିଆ ଅଂଚଳରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ଓ ନୋଡାଲ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷିକା ଓ ଶିକ୍ଷାକର୍ମଚାରୀଙ୍କ ସ୍ୱାବଟେଷ୍ଟ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଇଓ ଫକିର ମୋହନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୨୧୪ଜଣ ଶିକ୍ଷକଙ୍କ ସ୍ୱାବ ଟେଷ୍ଟ କରାଯାଇଛି । ବାଲେଶ୍ୱରର ଏଲ.ଆଇ ସାନୁ ସାସମଲ, ସୁଭସ୍ମିତା ଜେନା ଓ ଦୀପକ ଭଂଜ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଂଶୀଧର ବାରିକ, ହରେନ୍ଦ୍ର ମହାନ୍ତ, ହରମୋହନ ମହାନ୍ତ, ଯତୀନ୍ଦ୍ର ଭାଟ, ସୁବ୍ରତ ମାହାନ୍ତି, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ସରକାରୀ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ରୀଙ୍କ ସମାବେଶ

ପୁରୀ,୦୯।୦୧ (ନି.ପ୍ର): ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଶିକ୍ଷୟିତ୍ରୀ ସୁନନ୍ଦା ମିଶ୍ର ଯୋଗଦେଇ 'ମୋ ସ୍କୁଲ' ଅଭିଯାନର ଉଦ୍ଦେଶ୍ୟ ଓ ବିଦ୍ୟାଳୟ ଉନ୍ନତି ପଥରେ ଛାତ୍ର ଛାତ୍ରୀଙ୍କ ସହଯୋଗର ଅବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସୁଖ ଲତା ମେମୋରିଆଲ ବାଳିକା ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ତଥା 'ମୋସ୍କୁଲ' ଅଭିଯାନର ସଂଯୋଜକ ପ୍ରମୋଦ କୁମାର କର ଯୋଗଦେଇ ମୋ ସ୍କୁଲ ଅଭିଯାନର ଉଦ୍ଦେଶ୍ୟ ଓ ଏଥିରେ ଥିବା ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଗତି ଲାଗି ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ର ପୁରତନ ଛାତ୍ରୀମାନଙ୍କ ସହଯୋଗ କମାନା କରିଥିଲେ। ପୁରାତନ ଛାତ୍ରୀ ସମିତିର ସଭାନେତ୍ରୀ ଧରାଶ୍ରୀ ପଟ୍ଟନାୟକ ପୁରାତନ ଛାତ୍ରୀମାନେ ବିଦ୍ୟାଳୟର ଉନ୍ନତି ଲାଗି ସାଧ୍ୟମତେ ସହଯୋଗ କରିବାକୁ ଆଶାବ୍ୟକ୍ତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିନ୍ଦୁସାଗରର ପ୍ରତିଟି...

ସେ ଆହୁରି କହିଥିଲେ ଯେ ଆଗାମୀ ଦିନରେ ବିଶୁଦ୍ଧ ଜଳ ସାରା ବିଶ୍ୱ ପାଇଁ ଏକ ବଡ ଆହ୍ୱାନ ହେବାକୁ ଯାଉଛି। ତେଣୁ ଏକ୍ଷେତ୍ରରେ ଏକାମ୍ର ଅଂଚଳରେ ଥିବା ୨୦ରୁଅଧିକ ଛୋଟ ବଡ ତୀର୍ଥ ପୋଖରୀର ସୁରକ୍ଷା ପାଇଁ ସମାଜ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଇଣ୍ଡିଆନ ଅଏଲ ପକ୍ଷରୁ ପୁରୁଣା ଭୁବନେଶ୍ୱର ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସହ ଜଡ଼ିତ ବିନ୍ଦୁ ସାଗରର ପବିତ୍ର ଜଳକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ "ସ୍ୱଚ୍ଛ ବିନ୍ଦୁ ସାଗର ପ୍ରକଳ୍ପ" ଲୋକାର୍ପିତ ହୋଇଯିବା ସମସ୍ତ ଓଡିଶାବାସୀଙ୍କ ପାଇଁ ଐତିହାସିକ କ୍ଷଣ। ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଖୁବ ଶୀଘ୍ର ବିନ୍ଦୁ ସାଗରର ପବିତ୍ର ପୁଷ୍କରିଣୀ ପରିଷ୍କାର ହେବ। ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି (ଆଇସିଟି) ମୁମ୍ବାଇ, ଭାରତୀୟ ତୈଳ ନିଗମ(ଆଇଓସିଏଲ), ଓଡ଼ିଶା ବ୍ରିଜ୍ କନଷ୍ଟ୍ରକସନ କର୍ପୋରେସନ(ଓବସିସି)ର ମିଳିତ ଉଦ୍ୟମରେ ବିଶେଷ ଜ୍ଞାନକୌଶଳରେ ବିନ୍ଦୁ ସାଗରରେ ସ୍ୱତନ୍ତ୍ର ଯନ୍ତ୍ରପାତି ଲଗାଯାଇଛି। ବିନ୍ଦୁସାଗରର ଚାରିପଟେ ଚାରୋଟି ପମ୍ପିଂ ସିଷ୍ଟମ ଅବସ୍ଥାପିତ ହୋଇଥିବା ବେଳେ ଏହା ପୋଖରୀର ଦୂଷିତ ଜଳକୁ ଛାଣି ସଫା ଜଳ ପୋଖରୀକୁ ଛାଡିବ । ଫଳରେ ଖୁବ୍ ଶୀଘ୍ର ଏକାମ୍ର ତଥା ଭୁବନେଶ୍ୱରବାସୀଙ୍କ ବିନ୍ଦୁ ସାଗରର ପବିତ୍ର ଜଳ ସ୍ୱଚ୍ଛ ଓ ନିର୍ମଳ ହେବାର ସ୍ୱପ୍ନ ପୂରଣ ହେବ। ଏହି ପ୍ରକଳ୍ପ ପାଇଁ ଇଣ୍ଡିଆନ ଅଏଲ ୭୦ ଲକ୍ଷ ଟଙ୍କା ଯୋଗାଇଦେଇଛି। ପବିତ୍ର ଜଳ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୁଷ୍କରିଣୀର ପବିତ୍ରତାର ପ୍ରତୀକ ହେବ। ଏହି ଜଳ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ନାନ ନୀତିକାନ୍ତି ସମେତ ଆନୁଷାଙ୍ଗିକ କାମରେ ଲାଗିପାରିବ। ଓଡ଼ିଶାରେ ପେଟ୍ରୋକେମିକାଲ, କେମିକାଲ, ପଲିମର, ଟେକ୍ସଟାଇଲ ଏବଂ ଫାଇବର ଶିଳ୍ପର ଦ୍ରୁତ ବିକାଶ ମାଧ୍ୟମରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟରେ ନୂଆ ଭାରତ ଉଦୟର ଉଦ୍ୟମରେ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ପ୍ରୟୋଗଶାଳା କରିବାର ଏକ ନିଷ୍ଠାପର ଏବଂ ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମ ଆରମ୍ଭ କରାଯାଇଛି। ଏକାଦଶ ଶତାବ୍ଦୀରେ ରାଜଧାନୀ ଭୁବନେଶ୍ୱରର ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜ ମନ୍ଦିର ପରି ଏକ ବିଶ୍ୱସ୍ତରୀୟ କୀର୍ତି ସ୍ଥାପିତ ହୋଇଥିଲା। ଆଜି ଏହି ପୁଷ୍କରିଣୀକୁ ପରିଷ୍କାର କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଐତିହାସିକ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହିମା ଓ ଗୌରବର ଗାଥାକୁ ସାରା ବିଶ୍ୱରେ ପହଁଚାଇବା ଦିଗରେ ବିନ୍ଦୁ ସାଗରର ପବିତ୍ର ଜଳକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ଆଉ ଏକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଭାରତ ସରକାର, ଓଡ଼ିଶା ସରକାର ତଥା ସାମୂହିକ ପ୍ରଚେଷ୍ଟାରେ ଓଡ଼ିଆ ଜାତିକୁ ଉପରକୁ ନେବାର ଆବଶ୍ୟକତା ରହିଥିବା ବେଳେ ଏକବିଂଶ ଶତାବ୍ଦୀରେ ସମୃଦ୍ଧଶାଳୀ ଓଡ଼ିଶା ଗଠନ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍ ବୋଲି ସେ କହିଛନ୍ତି। ପୁରୁଣା ଭୁବନେଶ୍ୱର ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଶ୍ରୀ ପ୍ରଫୁଲ କୁମାର ମଲ୍ଲିକ, ଶ୍ରୀ ଅଶୋକ ପଣ୍ଡା, ରାଜ୍ୟସଭା ସାଂସଦ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ଇଣ୍ଡିଆନ ଅଏଲର ଚେୟାରମ୍ୟାନ ଶ୍ରୀ ଏସ.ଏମ ବୈଦ୍ୟ, ଆଇସିଟି ମୁମ୍ବାଇର କୁଳପତି ଶ୍ରୀ ଅନିରୁଦ୍ଧ ବାଲଚନ୍ଦ୍ର ପଣ୍ଡିତ, ଇଣ୍ଡିଆନ ଅଏଲର ଏଚ୍.ଆର ନିର୍ଦ୍ଦେଶକ ଶ୍ରୀ ରଞ୍ଜନ ମହାପାତ୍ର, ଆଇସିଟି-ଆଇଓସିର ନିର୍ଦ୍ଦେଶକ ଶ୍ରୀ ବି.ଏନ ଥୋରାଟ,ଓବିସିସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜୟକ୍ରୀଷ୍ଣ ଦାସ ଓ ଇଣ୍ଡିଆନ ଅଏଲ, ଆଇସିଟି, ଓବିସିସିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୧୬ରୁ ସାରା ଦେଶରେ....

ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତି ନିଆଯାଇଉଛି । ପ୍ରଥମ ଦଫାରେ ସରକାର ତାଲିକା କରିଥିବା ପ୍ରାୟ ୩ କୋଟି ସ୍ୱାସ୍ଥ୍ୟକର୍ମୀ, ଆଗଧାଡିର କୋଭିଡ ଯୋଦ୍ଧାଙ୍କୁ ଟିକା ଦିଆଯିବ । ଏହାପରେ ୨୭ କୋଟି ୫୦ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଓ ଏକାଧିକ ରୋଗଗ୍ରସ୍ତ ଲୋକ ଟିକା ପାଇବେ । ଟଙ୍କା ଭଳି ସୁରକ୍ଷାରେ ଯିବ କରୋନା ଟିକା । ସୁରକ୍ଷା ବଳୟରେ ରହିବ କୋଭିଡ ଟିକା । ଟିକା ନିର୍ମାଣକାରୀ ସଂସ୍ଥାରୁ କରୋନା ଟିକା ସିଧା ସଳଖ ଓଡିଶାକୁ ଆସନ୍ତା ସପ୍ତାହରେ ପହଂଚିଯିବ । ଟିକା ରାଜ୍ୟକୁ ପହଂଚିବା ପରେ ରାଜ୍ୟ ଟିକାକେନ୍ଦ୍ରରୁ ଅନ୍ୟ ଅଂଚଳକୁ କଡା ସୁରକ୍ଷାରେ ଟିକା ପହଂଚାଇବା ପାଇଁ ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ଚିଠି ଲେଖିଛନ୍ତି ସ୍ୱାସ୍ଥ୍ୟ ସଚିବ । ଟଙ୍କା ଭ୍ୟାନର ସୁରକ୍ଷା ଭଳି ବିଭିନ୍ନ ଜିଲ୍ଲାକୁ ଟିକା ଗାଡି ଯିବ । ଟିକା ଭ୍ୟାନକୁ ସୁରକ୍ଷା ଦେବା ଲାଗି ଜିଲ୍ଲାପାଳ ଓ ଏସପି, ପୁଲିସ କମିସନର, ମ୍ୟୁନସିପାଲଟି କମିସନରଙ୍କୁ ଚିଠି ଲେଖିଛନ୍ତି । ତେବେ ରାଜ୍ୟ ଟିକା କେନ୍ଦ୍ରରୁ ୯ଟି ଆଂଚଳିକ ଟିକା କେନ୍ଦ୍ର ଓ ୩୨ଟି ଜିଲ୍ଲା ଟିକା କେନ୍ଦ୍ରକୁ ଭ୍ୟାକସିନ ପଠାଯିବ । ଟିକା ପରିବହନ ସମୟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ କୁହାଯାଇଛି । ଯେମିତି ଟଙ୍କା ଗାଡି କଡା ସୁରକ୍ଷା ବଳୟରେ ଯାଏ, ସେହି ଭଳି ସୁରକ୍ଷା ବଳୟ ଭିତରେ ଯିବ ଟିକା ଗାଡି । ସେପଟେ ସିରମ ଇନଷ୍ଟିଚ୍ୟୁଟରେ ବିତରଣ ହେବାକୁ ଥିବା ଟିକା ପଠାଇବାରେ ହେଉଥିବା ବିଳମ୍ବକୁ ନେଇ ଚର୍ଚ୍ଚା ଜୋର ଧରିଛି । ଟିକାର ଦାମକୁ ନେଇ ସରକାରଙ୍କ ସହ ମୁଲଚାଲ ଯୋଗୁଁ ଟିକା ଆସିବାରେ ଡେରି ହେଉଥିବା ଆଲୋଚନା ହେଉଛି । ହେଲେ ଏଭଳି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ସିରମ ଇନଷ୍ଟିଚ୍ୟୁଟ ମୁଖ୍ୟ ଅଦାର ପୁନାୱାଲା । ସେ କହିଛନ୍ତି ଟିକା ପଠାଇବା ପାଇଁ କେନ୍ଦ୍ର ସରକାରଙ୍କ ଅନୁଷ୍ଠାନିକ ଅନୁମତିକୁ ଅପେକ୍ଷା କରାଯାଇଛି । ସେପଟେ ଆସନ୍ତା ୧୧ତାରିଖରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଟିକାକରଣକୁ ନେଇ ପ୍ରଧାନମନ୍ତ୍ରୀ ସମୀକ୍ଷା ବୈଠକ କରିବା କାର୍ଯ୍ୟକ୍ରମ ରହିଛି ।

## କରୋନାରୁ ସୁସ୍ଥ....

ମୟୁରଭଞ୍ଜରୁ ୧୫ଜଣ, ବରଗଡ଼ରୁ ୧୪ଜଣ, ଝାରସୁଗୁଡ଼ାରୁ ୧୪ଜଣ, ଖୋର୍ଦ୍ଧାରୁ ୧୪ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୧୩ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ କେନ୍ଦ୍ରାପଡ଼ାରୁ ୧୦ଜଣ, ଜଗତସିଂହପୁରରୁ ୫ଜଣ, ଗଞ୍ଜାମରୁ ୩ଜଣ, କଳାହାଣ୍ଡିରୁ ୨ଜଣ, ନୟାଗଡ଼ରୁ ୨ଜଣ, ସୁବର୍ଣ୍ଣପୁରରୁ ୨ଜଣ, ମାଲକାନଗିରିରୁ ଜଣେ ଓ ୬ଜଣ ଷ୍ଟେଟପୁଲରୁ ସୁସ୍ଥ ହୋଇଛନ୍ତି।

## ଗୋଟିଏ ଦିନରେ ୨୦୬ ....

ଗଂଜାମ ଜିଲ୍ଲାର ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୧୦ ଜଣ, ଝାରସୁଗୁଡ଼ାରୁ ୯ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡିରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସେହିପରି କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୪ ଜଣ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୭, ଖୋର୍ଦ୍ଧାରୁ ୧୮ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ତଥା ମାଲକାନଗିରିର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁର ଓ ନୟାଗଡ ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ସେହିପରି ନୂଆପଡ଼ାରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ପୁରୀ ଜିଲ୍ଲାରୁ ୪ ଜଣ ଓ ରାୟଗଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୬ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୩, ସୁନ୍ଦରଗଡ଼ରୁ ୨୬ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୩ ଜଣ ଚିହ୍ନଟ ହୋଇଛନ୍ତି।

## ପ୍ରିୟତମା ପାଇଁ ଲୁଟ୍‌ପାଟ୍ ....

ଏହି ଲଭ୍-ଲୁଟ-ମର୍ଡର ପ୍ଲଟ୍ ଖଣ୍ଡଗିରି ଅଞ୍ଚଳରେ ଏକ ଛିନ୍ତାଇ ମାମଲାରେ ଜେଲ୍ ଯାଇଥିଲା ନାରାୟଣ ମହାନ୍ତି । ହେଲେ ଜେଲ୍ ଭିତରେ ରହି ସାଥୀ କଏଦୀଙ୍କୁ ଶୁଣାଉଥିଲା ଲୁଟ୍ ଆଉ ହତ୍ୟାର କାହାଣୀ । ତାମଧ୍ୟରେ ବଖାଣି ଚାଲିଥିଲା ଜୁଲାଇ ୨୬ରେ ନୟାପଲ୍ଲୀ ଆଇଆରସି ଭିଲେଜର ତୁଳସୀ ଦେଇ ନାମକ ଜଣେ ବୟସ୍କା ମହିଳାଙ୍କୁ ଆକ୍ରମଣ କରି କେମିତି ଲୁଟିଥିଲା ସୁନା ଅଳଙ୍କାର । ଏହି ସମୟରେ ଏସବୁ କଥା ପୋଲିସ କାନକୁ ଯିବ ବୋଲି ସେ ଜାଣିନଥିଲା । ପୁଲିସ ସୂଚନା ପାଇବା ପରେ ଆରମ୍ଭ କରିଥିଲା ଖୋଳତାଡ଼ । ଆଉ ଧରିଥିଲା ନାରାୟଣର ସହଯୋଗୀ ସାଗର ପ୍ରଧାନକୁ । ଯିଏ ପୁଲିସ ଆଗରେ ବଖାଣିଥିଲା ଆଇଆରସି ଭିଲେଜର ଲୁଟ୍ ସହ ତଥ୍ୟ ଦେଇଥିଲା ନାରାୟଣର ଲଭ୍ ଆଉ ଲୁଟ୍ ?ର ଥିଓରୀ ସମ୍ପର୍କରେ । ଏହି ଘଟଣାରେ ଏବେ ନାରାୟଣକୁ ୨ ଦିନିଆ ରିମାଣ୍ଡରେ ନେଇଛି ନୟାପଲ୍ଲୀ ପୁଲିସ ।

# ଗ୍ରାମ୍ୟରାସ୍ତାରେ ଭାରିଯାନ ଚଳାଚଳକୁ ନେଇ ଗ୍ରାମବାସୀଙ୍କ ଜିଲାପାଳଙ୍କୁ ଫେରାଦ

ଜଳେଶ୍ୱର, ୯/୧ (ନିପ୍ର) : ସହରାଞ୍ଚଳ ଛଡା ଗ୍ରାମାଂଚଳରେ ସବୁଦିନିଆ ରାସ୍ତାଟିଏ ପାଇଁ ଗ୍ରାମବାସୀଙ୍କ ବହୁ ଚେଷ୍ଟା ସଫଳ ହେଲେ ସମସ୍ତଙ୍କ ମୁହଁରେ ହସ ଫୁଟିଥାଏ। ହେଲେ ସେହି ରାସ୍ତାଟି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ନଷ୍ଟ କରାଗଲେ ଉତ୍ତେଜନା ବୃଦ୍ଧିପାଏ । ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ନାମ୍ପୋ ଗ୍ରାମ ଦେଇ ଯାଇଥିବା ଜେବିସି-ପଦିମା ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ଏହାର ନିବକରଣ କରାଯାଇଛି। ହେଲେ ରାସ୍ତାଟି ଅଂକାବଂକା ଓ ସଂକୀର୍ଣ୍ଣ ହୋଇଥିଲେ ମଧ୍ୟ ଏହି ରାସ୍ତାରେ ବଡବଡ ବାଲି ବୋଝେଇ ଡମ୍ଫର ଓ ଧାନ ବୋଝେଇ ଟ୍ରକ୍ ଗୁଡିକ ଯାତାୟାତ କରୁଛି। ଉକ୍ତ ରାସ୍ତାରେ ୧୦ଟନ୍‌ରୁ ଅଧିକ ଭାରିଯାନ ଯାତାୟାତ ହୋଇ ପାରିବ ନାହିଁ ବୋଲି ଆରଡବ୍ଲୁଡି ବିଭାଗରୁ ସୂଚନାତଥ୍ୟମୂଳେ ପ୍ରକାଶ । ହେଲେ ବିଭାଗ ପକ୍ଷରୁ ସେଠାରେ କୌଣସି ଫଳକ ନଥିବାରୁ ପ୍ରଶାସନ କିମ୍ବା ଜନସାଧାରଣଙ୍କ ପକ୍ଷରୁ ରୋକାଯାଇ ପାରୁନାହିଁ । ତେଣୁ ସେଠାରେ ଏକ ଫଳକ ଲଗାଯିବା ସହ ଏଭଳି ଭାରି ଯାନ ଚଳପ୍ରଚଳକୁ ବନ୍ଦ କରାଯିବାକୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଂପାଦକ ଗୋପାଳ ଚନ୍ଦ୍ର ଦତ୍ତ, ସମାଜସେବୀ ଜ୍ୟୋତିବ୍ରହ୍ମ ଦେ, ଜଗଦିଶ ପ୍ରଧାନ, ଶ୍ୱରୂପ ସିଂହ, ସୁମତି ଦେ, ଜୟନ୍ତି ଦାସ, ଜ୍ୟୋତିବ୍ରହ୍ମ ଦେ, ମଧୁସୂଦନ ପରିଡା, ସନ୍ତୋଷ କୁମାର ଦେ, ଦୁଲାଲଚନ୍ଦ୍ର ବିଦ୍, ମିନାରାଣୀ ପ୍ରଧାନ, ପୂର୍ଣ୍ଣେନ୍ଦୁ ବିକାଶ ଦାସ, ସୁକାନ୍ତି ଦାସ ପ୍ରମୁଖ ବହୁ ବ୍ୟକ୍ତି ଜଳେଶ୍ୱର ତହସିଲଦାର, ଜିଲାପାଳ ବାଲେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଭାରସାମ୍ୟ ହରାଇ ନୟନଯୋରୀଙ୍କୁ ଖସିଲା ଟ୍ରାକ୍ଟର : ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ଜଳେଶ୍ୱର, ୯/୧ (ନିପ୍ର) : ୫୭ତମ ରାଜ୍ୟ ରାଜପଥର ଆମ୍ବଳିଅଠା ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଦ୍ରୁତଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ୩୦ଫୁଟ ତଳ ନୟନଯୋରୀକୁ ଖସି ପଡିଛି। ନୟନଯୋଗରୀରେ ଅଳ୍ପ ପାଣିଥିବାରୁ ଟ୍ରାକ୍ଟରଟି କାଦୁଅ ଭିତରେ ପୋତି ଯାଇଥିଲେ ମଧ୍ୟ ଡ୍ରାଇଭର ପଙ୍କ ଭିତରୁ ବାହାରି ଅଳ୍ପକେ ବର୍ତ୍ତି ଯାଇଛି । ରାସ୍ତାରେ ଯାଉଥିବା ଲୋକମାନେ ଡ୍ରାଇଭରକୁ ପଙ୍କରୁ ଉଦ୍ଧାର କରିବାରେ ସହାୟତା କରିଥିଲେ । ଏପରି ଦ୍ରୁତ ଚାଳନାକୁ ସାଧାରଣରେ ନିନ୍ଦା କରାଯାଇଛି ।

# ୧୨ରୁ ଆରମ୍ଭ ହେବା ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଖଇରା,୯/୧(ନିପ୍ର) ଆସନ୍ତା ଜାନୁୟାରୀ ୧୨ରୁ ଖଇରା ବ୍ଲକ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଠାରେ ୩୮ତମ ବାବା ଲଙ୍କେଶ୍ୱର ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। କମିଟିର ସଭାପତି ଅଭିମନ୍ୟୁ ରାଉଳଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୪ଟି ଦଳ ଅଂଶ ଗ୍ରହଣ କରିବେ । ଭଦ୍ରକର ସୂର୍ଯ୍ୟଶିଖା କ୍ରିକେଟ କ୍ଲବ,ବାରିପଦାରେ ଡିଆରକେ କ୍ଲବ କଟକ ନିମପୁର ସ୍ପୋର୍ଟିଂ କ୍ଲବ ଓ ବାଲେଶ୍ୱର ୟୁ ଆଣ୍ଡ ମି କ୍ଲବ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ ୧୪ତାରିଖରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। କମିଟିର ସମ୍ପାଦକ ଗିରିଜା ଶଙ୍କର ଦାସ,ଉପସଭାପତି ମଧୁସୁଦନ ଜେନା ,ସହସମ୍ପାଦକ ଗୋବର୍ଦ୍ଧନ ମହାରଣା ,ଶ୍ରୀକାନ୍ତ ରାଉଳ, ସୁଶାନ୍ତ କୁମାର ମହାପାତ୍ର, ସପନ ମହାନ୍ତି, ପଦ୍ମଲୋଚନ ଜେନା,ରାଜୀବ ମହାନ୍ତି, ରାଜେଶ ମହାକୁଡ, ସତ୍ୟସୁନ୍ଦର ରାଉଳ, ଅନୀଲ ମହାନ୍ତି, ଭରତ ମହାରଣା,ସନ୍ଦୀପ ସାମଲ, ସୁଶାନ୍ତ ମହାକୁଡ, ଶଶୀକାନ୍ତ ସାହୁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ହସ ଖୁସିରେ ବିଦ୍ୟାଳୟକୁ ଆସିଲେ ଛାତ୍ରଛାତ୍ରୀ



ଖଇରା,୯/୧(ନିପ୍ର) ଖଇରା ବ୍ଲକ ସାରକୋଣା ହାଇସ୍କୁଲରେ ଦୀର୍ଘ ଦଶମାସ ପରେ ସରକାରଙ୍କ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କୋଭିଡ ଗାଇଡ ଲାଇନକୁ ଅନୁସରଣ କରି ୧୦ମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଆନନ୍ଦ ଉଲ୍ଲାସରେ ବିଦ୍ୟାଳୟକୁ ବିଦ୍ୟାଅଧୟନ ପାଇଁ ଆସିଥିଲେ । ପ୍ରଧାନ ଶିକ୍ଷକ ଭାଗିରଥି ଖଟୁଆ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀମାନଙ୍କୁ ମାସ୍କ ବଣ୍ଟନ କରିବା ସହିତ ସାମାଜିକ ଦୂରତା ରକ୍ଷା କରି ହାତରେ ସାନିଟାଇଜର ଦେଇଥିଲେ । ଏଥିରେ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାଢି,ଉପେନ୍ଦ୍ର କୁମାର ସାହୁ,ପ୍ରମୋଦ କୁମାର ସୂତାର,ପ୍ରଶାନ୍ତ କୁମାର ହୋତା,ଶରତ କୁମାର ବେହେରା,ବିଜୟ କୁମାର ଦାସଙ୍କ ସହିତ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ର ସହଯୋଗ କରିଥିଲେ । ବିଦ୍ୟାଳୟ ପ୍ରବେଶ ତଥା ଶ୍ରେଣୀ ଗୃହକୁ ସାନିଟାଇଜର କରିବାରେ ଶିକ୍ଷା କର୍ମଚାରୀ ହରେକୃଷ୍ଣ ସ୍ୱାଇଁ ,ଦିଲିପ୍ କୁମାର ମହାପାତ୍ର,ସନ୍ତୋଷ କୁମାର ସାହୁ ଓ ଅଜୟ କୁମାର ନାୟକ ସହଯୋଗ କରିଥିଲେ । ପୂର୍ବଦିନ ପ୍ରଧାନ ଶିକ୍ଷକଙ୍କ ଆହ୍ୱାନ କ୍ରମେ ସରପଞ୍ଚ ଏସଏମସି ଓ ଏସଏମଡିସି ର ସଭ୍ୟ ସଭ୍ୟା ,ଅଭିଭାବକ/ଅଭିଭାବିକ ଓ ଗ୍ରାମର ଅନୁଷ୍ଠାନ ପ୍ରେମୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଆଗମନକୁ ପୂର୍ଣ୍ଣ ସମର୍ଥନ କରିଥିଲେ ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ

ଭୁବନେଶ୍ୱର,୦୯।୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ୭୪୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୧୯,୩୫୦ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୦୯।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଛତ୍ରପୁରର ଉପଖଣ୍ଡ ହସ୍‌ପିଟାଲ୍ ଏବଂ କେଲୁଆପଲ୍ଲୀର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଥିବାରୁ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାର ଉଚ୍ଚ ମାନର ସରକାରୀ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି ଗୁଣାତ୍ମକ ପରିଚାଳନା ବ୍ୟବସ୍ଥାର ଅନୁପାଳନ ନିମନ୍ତେ ଏହି ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ




ବାଲେଶ୍ୱର,୦୯।୦୧ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ୨୦୨୧ବର୍ଷର ପ୍ରଥମ ଜିଲ୍ଲାସ୍ତରୀୟ ବାର୍ଷିକ ବୈଠକ ସୋମବାରଦିନ ପୂର୍ବାହ୍ନରେ ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ଧୀରେନ୍ଦ୍ର ନାରାୟଣ ଦାଶ ଅଧ୍ୟକ୍ଷତା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଂପାଦକ ଇଂ. ବନମାଳି ନାୟକ ଗତବର୍ଷର କରୋନା ମହାମାରୀ ସଂକଟ ମଧ୍ୟରେ ସଂଘ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ସେବାକାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। କରୋନାରେ ମୃତ୍ୟୁବରଣ କରିଥିବା ସଂଗଠନର ସଦସ୍ୟଙ୍କ ସମେତ ଅନ୍ୟବର୍ଗର ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଡ. ଶିରୀଶ ଚନ୍ଦ୍ର ଜେନା, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ଅକ୍ଷୟ କୁମାର ତ୍ରିପାଠୀ, ରାଜେନ୍ଦ୍ର ରାଉତ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଏଥିରେ ଯୋଗଦେଇ ଅବସରନେବା ପରେ ବରିଷ୍ଠ ବ୍ୟକ୍ତିତ୍ୱଙ୍କ ସମାଜ ସେବା ମନୋଭାବକୁ ସାଧୁବାଦ ଜଣାଇଥିଲେ। ସଂଘର ଜିଲ୍ଲା କମିଟି ଓ ବିଭିନ୍ନ ଶାଖା କମିଟି ତରଫରୁ ଡ. ଭାଗବତ ଦାସ, ହରେକୃଷ୍ଣ ପଣ୍ଡା, ଅଜୟ ନାୟକ, କୁମୁଦ ରଂଜନ ଗିରି, ପ୍ରଦୀପ ମିଶ୍ର, ଭଗବାନ ଚନ୍ଦ୍ର ରାଉତ, ଯୋଗେନ୍ଦ୍ରନାଥ ସିଂ, ପଦ୍ମଲୋଚନ ଦତ୍ତ, ଯତୀନ୍ଦ୍ର ମହାନ୍ତି, ବାସନ୍ତି ପଣ୍ଡା ଓ ଜଳଧର ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ସଂଗଠନର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ଓ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଦିବଂଗତ ସଦସ୍ୟ କାଶୀନାଥ ଆଚାର୍ଯ୍ୟ, ରାଧାଶ୍ୟାମ ଆଚାର୍ଯ୍ୟ ଓ ସମଲେଶ୍ୱରୀ ବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ଆସନ୍ତା ଏପ୍ରିଲ ମାସ ୨୫ ତାରିଖରେ ହେବାକୁ ଥିବା ସଂଘର ବାର୍ଷିକ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅରୁଣା ରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଝିଅ ଅପହରଣର ୫ଦିନ ପରେ ପୁଲିସ୍‌ର ନିଷ୍କ୍ରିୟତାର ବିରୁଦ୍ଧରେ ଗ୍ରାମବାସୀ ବସିଲେ ଧାରଣାରେ

ଜଳେଶ୍ୱର, ୯/୧ (ନିପ୍ର) : ସମାଜରେ କିଶୋରୀ ମାନଙ୍କ ଉପରେ ନିର୍ଯ୍ୟାତନା, ଅପହରଣ ଦିନକୁଦିନ ବୃଦ୍ଧି ପାଉଥିବାରୁ ପିତାମାତାଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ସୀମାନ୍ତ ନଛିମପୁର ପଂଚାୟତ ଅଧିନ ନଛିମପୁର ଗ୍ରାମର ଗୌରଚରଣ ଗିରିଙ୍କ କନ୍ୟାଙ୍କୁ ଗତ ୪ ତାରିଖ ମଧ୍ୟରାତ୍ରୀରେ ଅପହରଣ କରାଯାଇଥିବା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଶାହାଡାପଡା ଗ୍ରାମର ସୁନୀଲ ଶେଣଙ୍କର ବଡପୁଅ ବିଶ୍ୱଜିତ୍ ଶେଣ (ଡବରା) ତାର ସହଯୋଗୀଙ୍କ ସହିତ ଝିଅକୁ ଜୋରଜବରଦସ୍ତ ମଧ୍ୟରାତ୍ରୀରେ ଅପହରଣ କରି ଅନୈତିକ କାର୍ଯ୍ୟରେ ଲିପ୍ତ କରାଇବା ସହିତ ପର୍ଶ୍ଚିମବଂଗକୁ ଚାଲାଣ କରିଥିବା ପରିବାର ସୂତ୍ରରୁ ଅଭିଯୋଗ କରାଯାଇଛି। ଏହି ଖବର ଜାଣିବାପରେ କନ୍ୟାର ମା ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଗୁରୁତର ହେବା ପରେ ତାଙ୍କୁ ବାଲେଶ୍ୱର ଘରୋଇ ହସ୍‌ପିଟାଲରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଲାଟକୁ ସ୍ଥାନାନ୍ତର କରାଯାଇଛି। ଅବସ୍ଥା ସଂକଟାପନ୍ନ ଥିବାରୁ ଗ୍ରାମରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ଆଜି ଗ୍ରାମର ଶହ ଶହ ମହିଳା, ପୁରୁଷ ପୂର୍ବ ସୂଚନା ମୁତାବକ ଜଳେଶ୍ୱର ଥାନା ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଦୋଷୀକୁ ଗିରଫ ଏବଂ କନ୍ୟାକୁ ଉଦ୍ଧାର କରାଯିବା ଦାବୀ ନେଇ ଗ୍ରାମବାସୀମାନେ ଧାରଣରେ ବସି ରହିଛନ୍ତି। ପୁଲିସ୍‌ର ନିଷ୍କ୍ରିୟତାକୁ ଗ୍ରାମର ନିତାଇ ଚରଣ ଗିରି, ସପନ କୁମାର ଗିରି, ଚୈତନ୍ୟ ବିଶ୍ୱାଳ, ହେମନ୍ତ ସିଂ, ନିରଂଜନ ମହାନ୍ତି, ରବିନ୍ଦ୍ର ମିଶ୍ର, ଦୀନବଂଧୁ ପାତ୍ର, ଗୋବର୍ଦ୍ଧନ ମହାନ୍ତି, ସଚିଦାନନ୍ଦ ଜେନା, ଦେବକୁମାର ଦତ୍ତ, ନିୟତୀ ରାଜ, ସୁବର୍ଣ୍ଣା ଜେନା, ସୁପ୍ରଭା ଗିରି, କଳ୍ପନା ଗିରି, ସୁଜାତା ଗିରି, ପ୍ରଭାତୀ ଭୂୟାଁ, ହେମାଙ୍ଗିନୀ ପାତ୍ର, ନରୋତ୍ତମ ଗିରି, ଅଧିର ହୁଇ, ଅନୀଲ ପ୍ରଧାନ, ରାଜୀବ ପ୍ରଧାନ, ଗୋପାଳ ପ୍ରଧାନ, ନନ୍ଦଦୁଲାଲ ବିଶ୍ୱାଳ, ଅପୁ ପ୍ରଧାନ, ପ୍ରବୀର ସିଂ, ସଂଗ୍ରାମ ସିଂ, ଅମୂଲ୍ୟ ଦଳାଇ, ଅଜିତ୍ ଦଳାଇ, ଭଗୀରଥ ପାତ୍ର, ଦୀପକ ଗିରି, ପ୍ରତୀମା ମହାନ୍ତି, ଛାୟାରାଣୀ ପରିଡା, ପ୍ରଦୀପ ଗିରି, ରଘୁନାଥ ମହାନ୍ତି, ସୁନୀଲ ମହାନ୍ତି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ବିରୋଧ କରିବା ସହ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ।

